

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୩ ● ସଂଖ୍ୟା–୨୪୩ ● ୨ ଅକ୍ଟୋବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-243 ● 2nd October 2026, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ମହାନଦୀ ଜଳ ବିବାଦ ନେଇ ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ସମାଧାନର ନିକଟତର ହେଉଛୁ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୧୦**
**ନ୍ୟୁଜ୍ ବ୍ୟୁରୋ**

ନୂଆଦିଲ୍ଲୀ କର୍ତ୍ତବ୍ୟ ଭବନରେ ଗୁରୁବାର ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ଥିଲେ।

ବୈଠକ ସମାପ୍ତ ହେବା ପରେ, ଗଣମାଧ୍ୟମକୁ ବିବୃତ୍ତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ହୋଇଛି । ଆମେ ଧିରେ ଧିରେ ସମାଧାନର ନିକଟତର ହେଉଛୁ । ଖୁବ୍ ଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରକାଶ



ପାଇବ ବୋଲି ସେ ଆଶା ରଖିଛନ୍ତି । ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ ବୋଲି ସେ କହିଛନ୍ତି ।

ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ, ଡବଲ ଇଞ୍ଜିନ ସରକାରରେ ଦେଶ ଓ ରାଜ୍ୟର ବିକାଶ ଯେପରି ତ୍ୱରାନ୍ୱିତ ହେଉଛି, ରାଜ୍ୟ ମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ମଧ୍ୟ ପଥ ଉନ୍ମୁକ୍ତ ହେଉଛି । ଏହି ସମାଧାନ ବାକି ସବୁ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ଡିସ୍‌ପୁଟ ରିଜୋଲ୍ୟୁସନ୍ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ସେ କହିଥିଲେ ଯେ, ମହାନଦୀ ଆମର ଜୀବନ ରେଖା । ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନଜୀବିକାର ପନ୍ଥା ହେଉଛି ମହାନଦୀ । ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଯୋଗାଣ, ପର୍ଯ୍ୟାବରଣ ଆଦି ଅନେକ ବିଷୟରେ ସେ ବୈଠକରେ ଉପସ୍ଥାପନ କରିଛନ୍ତି ବୋଲି କହିଥିଲେ । ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ବୈଠକରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ ।

ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ, ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆଇନଗତ ପ୍ରକ୍ରିୟା ସହିତ ପ୍ରଶାସନିକ ଓ ରାଜନୈତିକ ସମାଧାନର ପନ୍ଥାକୁ ମଧ୍ୟ ବ୍ୟାପକ କରାଯାଇଛି ।ଏଥିପାଇଁ ହୋଇଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ୨୦୨୫ ଜୁଲାଇ–ଅଗଷ୍ଟରେ ଆମ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହା ମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳ ସମ୍ପଦ *(ପୃଷ୍ଠା ୭ରେ)*

## ଯୁଦ୍ଧ ଓ ସଂଘର୍ଷର ଦିନରେ ମହାତ୍ମା ଗାନ୍ଧୀଙ୍କ ଶାନ୍ତି ଓ ଅହିଂସାର ବାର୍ତ୍ତା ଅଧିକ ପ୍ରାସଙ୍ଗିକ

**ନୂଆଦିଲ୍ଲୀ, ୧।୧୦**

ବିଶ୍ୱର ବିଭିନ୍ନ ଅଞ୍ଚଳରେ ଯୁଦ୍ଧ ଓ ସଂଘର୍ଷର ପରିସ୍ଥିତି ଜାରି ରହିଛି। ଏଭଳି ସମୟରେ ମହାତ୍ମା ଗାନ୍ଧୀଙ୍କ ଶାନ୍ତି ଓ ଅହିଂସାର ବାର୍ତ୍ତା ଆହୁରି ଅଧିକ ପ୍ରାସଙ୍ଗିକ ହୋଇପଡ଼ିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଗାନ୍ଧୀ ଜୟନ୍ତୀର ପୂର୍ବସନ୍ଧ୍ୟାରେ ଦେଶବାସୀଙ୍କୁ ଦେଇଥିବା ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ଯେ, ଦେଶବାସୀଙ୍କ ପକ୍ଷରୁ ସେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ପ୍ରଣାମ ଜଣାଉଛନ୍ତି। ମହାତ୍ମା ଗାନ୍ଧୀଙ୍କ ଜୀବନ ଓ ଆଦର୍ଶକୁ ସମଗ୍ର ବିଶ୍ୱ ସମୁଦାୟ ବ୍ୟାପକ



ଭାବେ ସମ୍ମାନ କରୁଛି ବୋଲି ସେ କହିଛନ୍ତି।

ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ, ବର୍ତ୍ତମାନ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଯୁଦ୍ଧ ଓ ସଂଘର୍ଷର ପରିବେଶ ରହିଛି, ଯାହାର ପ୍ରଭାବ ସମସ୍ତ ଦେଶ ଉପରେ ପଡୁଛି। ଏଭଳି ପରିସ୍ଥିତିରେ ମହାତ୍ମା ଗାନ୍ଧୀଙ୍କ ଶାନ୍ତି ଓ ଅହିଂସାର ବାର୍ତ୍ତା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ବହନ କରୁଛି।

ରାଷ୍ଟ୍ରପତି କହିଛନ୍ତି ଯେ, ଭାରତ ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାର ଜାତୀୟ ଲକ୍ଷ୍ୟ ଦିଗରେ ଆଗକୁ ବଢୁଛି। ଏହି ଯାତ୍ରାରେ ସହାନୁଭୂତି ଓ ସମାବେଶିତାର ମୂଲ୍ୟବୋଧକୁ ପ୍ରାଥମିକତା ଦିଆଯାଉଛି, ଯାହାଦ୍ୱାରା କୌଣସି ନାଗରିକ ବିକାଶର ସୁଫଳରୁ ବଞ୍ଚିତ ନ ହୁଅନ୍ତି।

ସେ କହିଛନ୍ତି ଯେ, ଏହି ଦୃଷ୍ଟିକୋଣ ମହାତ୍ମା ଗାନ୍ଧୀଙ୍କ 'ସର୍ବୋଦୟ' ଆଦର୍ଶର ଭାବନାକୁ ପ୍ରତିଫଳିତ କରୁଛି। 'ସର୍ବୋଦୟ' ସମସ୍ତଙ୍କ କଲ୍ୟାଣ ଓ ଉନ୍ନତିର ସିଦ୍ଧାନ୍ତ ଉପରେ ଆଧାରିତ।

ଗାନ୍ଧୀ ଜୟନ୍ତୀ ଅବସରରେ ରାଷ୍ଟ୍ରପତି ଦେଶବାସୀଙ୍କୁ ନୈତିକ *(ପୃଷ୍ଠା ୭ରେ)*

## ଅଭିଜ୍ଞତା ପାଇଁ ପାଇଲଟ ବଞ୍ଚାଇଲେ ୧୮୦ଜଣ ଯାତ୍ରୀଙ୍କ ଜୀବନ

**ତେଲ ଆଭିଭ୍, ୧।୧୦**

ବୁଧବାର ଦୁବାଇରୁ ଇସ୍ରାଏଲ ଯାଉଥିବା ଯେଉଁ ବିମାନକୁ କ୍ରାସ୍ କରିବାକୁ ଉଦ୍ୟମ କରାଯାଇଥିଲା, ତାହାକୁ ବଞ୍ଚାଇବାରେ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ମିତ ମଚ୍ଛାର ଏହି ବିମାନ ଚଳାଉଥିବା ବେଳେ ତାଙ୍କ ସହ-ପାଇଲଟ୍ ତାଙ୍କ ଉପରେ ଆକ୍ରମଣ କରି ବିମାନକୁ କ୍ରାସ୍ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଫ୍ଲାଇଦୁବାଇର ଏଫଜେଡ୧୦୭୩ ବିମାନ ମାତ୍ର ୪୦ ସେକେଣ୍ଡରେ ୧୪ ହଜାର ଫୁଟ୍



ତଳକୁ ଖସିଥିଲା। ଏଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ *(ପୃଷ୍ଠା ୭ରେ)*

### ଭାରତୀୟ ପାଇଲଟ୍ ସ୍ମିତଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧।୧୦**

ସ୍ମିତ ମଚ୍ଛାର, ଏବେ ସବୁଠି ଏହି ନାଁକୁ ନେଇ ଚର୍ଚ୍ଚା। ଏହି ସାହସୀ ଭାରତୀୟ ପାଇଲଟ ବଞ୍ଚାଇଛନ୍ତି ୧୮୦ ଯାତ୍ରୀଙ୍କ ଜୀବନ। ଫଳରେ ଟଳିଯାଇଛି ୯/୧୧ ଭଳି ଦ୍ୱିତୀୟ ଆତଙ୍କବାଦୀ *(ପୃଷ୍ଠା ୭ରେ)*

### ଛତ୍ରପୁରର ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୧।୧୦**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା, ଛତ୍ରପୁର ତହସିଲର ଟୁକୁନା ଆଚାରୀ (ପିତା – ପ୍ରସାଦ ଆଚାରୀ)ଙ୍କର ଦୁଃଖଦ ପ୍ରାଣହାନି *(ପୃଷ୍ଠା ୭ରେ)*

## ଜିଏସ୍‌ଟି ଆଦାୟ ୧୪.୭% ବୃଦ୍ଧି

**ନୂଆଦିଲ୍ଲୀ, ୧।୧୦**

ଦେଶରେ ଜିଏସଟି ଆଦାୟ ପୁଣି ଥରେ ୨ ଲକ୍ଷ କୋଟି ଟଙ୍କା ଟପିଛି। ୨୦୨୬ ସେପ୍ଟେମ୍ବରରେ ମୋଟ ୨,୦୩,୫୨୧ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ୨୦୨୫ ସେପ୍ଟେମ୍ବରରେ ତାହା ୧,୭୭,୦୨୧ କୋଟି ଟଙ୍କା ଥିଲା। ଅର୍ଥାତ୍ ଗତ ବର୍ଷ ତୁଳନାରେ ଜିଏସଟି ସଂଗ୍ରହ ୧୪.୭% ବଢ଼ିଛି। ସେପ୍ଟେମ୍ବରରେ ଜିଏସ୍‌ଟି ଆଦାୟ ଲଗାତାର ତୃତୀୟ ମାସ ପାଇଁ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି।

ସେପ୍ଟେମ୍ବରରେ ଦେଶ ଭିତରେ ହୋଇଥିବା କାରବାର ଓ ସେବାରୁ ୧,୩୮,୦୦୦ କୋଟି ଟଙ୍କାର ମୋଟ ଜିଏସଟି ଆଦାୟ ହୋଇଛି। ଏହା ଗତବର୍ଷ ସେପ୍ଟେମ୍ବରର ୧,୨୫,୦୦୦ କୋଟି ଟଙ୍କା ତୁଳନାରେ ୧୦.୧% ଅଧିକ। ଅନ୍ୟପକ୍ଷରେ, ବିଦେଶରୁ ଆସୁଥିବା ସାମଗ୍ରୀ ଉପରେ ଜିଏସ୍‌ଟି ଆଦାୟ ୬୫,୫୨୫ କୋଟି ଟଙ୍କା ହୋଇଛି। ଗତବର୍ଷ ଏହା ୫୨,୦୩୧ କୋଟି ଟଙ୍କା ଥିଲା। ଅର୍ଥାତ୍ ଆମଦାନୀ ଉପରୁ ଜିଏସ୍‌ଟି ଆଦାୟ ୨୫.୯% ବଢ଼ିଛି।

ସେପ୍ଟେମ୍ବରରେ କେନ୍ଦ୍ରୀୟ ଜିଏସ୍‌ଟି ୩୭,୬୬୨ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି ୪୫,୩୬୩ କୋଟି ଟଙ୍କା ଓ ସମନ୍ୱିତ ଜିଏସ୍‌ଟି ୧,୨୦,୦୦୦ କୋଟି ଟଙ୍କା ଆଦାୟ ହୋଇଛି।

ସେପ୍ଟେମ୍ବରରେ ବ୍ୟବସାୟୀ ଓ ରପ୍ତାନିକାରୀଙ୍କୁ ଦିଆଯାଇଥିବା ଜିଏସଟି ରିଫଣ୍ଡ ୨୭,୦୦୧ କୋଟି ଟଙ୍କା ଥିଲା। ଏହା ଗତବର୍ଷର ୨୭,୮୪୮ କୋଟି ଟଙ୍କା ତୁଳନାରେ ୩% କମ୍। ରିଫଣ୍ଡ ବାଦ ଦେବା ପରେ ସରକାରଙ୍କ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଖଣି ଖାଦାନ ଲୁଟ୍ ହେଉ
କାହାର କଣ ଯାଉଛି
ବିଲେଇ ଆଖି ମୁଜି ମୁଜି ପୂରା
କ୍ଷୀର ତକ ସବୁ ପିଉଛି
ଖାଇବା ବାଲା ତ ଖାଉଛି
ଜନତା ଖବର ଦେଖଇ ଶୁଣଇ
କଣ କରିବ ଭାବୁଛି।

## ମହାସାଗରରେ ଉତ୍ତାପ : ଧ୍ୱଂସ ହେଉଛି ସାମୁଦ୍ରିକ ଜୀବନ

**ପ୍ୟାରିସ୍, ୧।୧୦**

ରେକର୍ଡ ଭାଙ୍ଗି ଯାଉଥିବା ସମୁଦ୍ର ଉତ୍ତାପ ଅନେକ ସହରର ଅସ୍ତିତ୍ୱକୁ ବିପଦରେ ପକାଇଛି। ୨୩ ଜେଟଜୁଲ୍ ତାତି ଦ୍ୱାରା ସାମୁଦ୍ରିକ ଜୀବନ ନଷ୍ଟ ହେଉଛି। ଫଳରେ ଆଗାମୀ ଦିନରେ ବିନାଶକାରୀ ଝଡ଼ ଏବଂ ବାଦଲଫଟା ବର୍ଷାର ଆଶଙ୍କା କରାଯାଉଛି। ସମୁଦ୍ରଗୁଡ଼ିକ ୯୦% ଉତ୍ତାପ ଏବଂ ମାନବଜାତ କାର୍ବନ ଡାଇଅକ୍ସାଇଡର ଏକ ତୃତୀୟାଂଶ ଶୋଷଣ କରୁଛନ୍ତି। ବିଶ୍ୱର



ମହାସାଗରଗୁଡ଼ିକରେ ଉତ୍ତାପର ବିପଦ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଏହା ସମୁଦ୍ର ଜଳସ୍ତର, ଏସିଡିକରଣ ଏବଂ ଗରମ ତରଙ୍ଗକୁ ବୃଦ୍ଧି କରୁଛି। ଯାହା ଭବିଷ୍ୟତରେ ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ମହାସାଗରରେ ଅମ୍ଳଜାନର ଅଭାବ ଜଳଚର ଜୀବଙ୍କ ମୃତ୍ୟୁର କାରଣ ହେବ। ସେହି ସମୟରେ, ବିନାଶକାରୀ ଝଡ଼, ଅଳ୍ପ ସମୟ ମଧ୍ୟରେ ବାଦଲଫଟା ବର୍ଷା ଏବଂ ମୌସୁମୀ ଋତୁ ଛଡ଼ା ଅନ୍ୟ ଋତୁରେ ପ୍ରବଳ ବର୍ଷାର ଆଶଙ୍କା ବହୁ ଗୁଣା ବୃଦ୍ଧି ପାଇବ।

ଫ୍ରାନ୍ସର ତୁଲୁଜରେ ଥିବା କୋପର୍ନିକସ୍ ଷ୍ଟେଟ୍ ଅଫ୍ ଦି ଓସେନ୍ ରିପୋର୍ଟର ସଦ୍ୟ ପ୍ରକାଶିତ ଦଶମ *(ପୃଷ୍ଠା ୭ରେ)*






ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମପାଟି)

15001/103/2627



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ । ନିଜର ନୀତି ଓ ନୈତିକତା, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ତାଙ୍କ ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ଯୁଗେ ଯୁଗେ ବିଶ୍ୱ ପାଇଁ ପ୍ରାସଙ୍ଗିକ ।

ଆସନ୍ତୁ, ତାଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତାର ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ନିଜ ନିଜର ଯୋଗଦାନ ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0103

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଅକ୍ଟୋବର, ୨୦୨୬ ଶୁକ୍ରବାର





### 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା ଅଭିଯାନରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଭୁବନେଶ୍ୱରକୁ ଦେଶର ନମ୍ବର ୱାନ୍ ସ୍ୱଚ୍ଛ ସହର କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧।୧୦
ନ୍ୟୁଜ୍ ବ୍ୟୁରୋ

ଏ ସହର ଆମର ଏବଂ ଏହାର ସ୍ୱଚ୍ଛତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ବର୍ତ୍ତମାନ ଦେଶର ସ୍ୱଚ୍ଛତା ର୍ୟାଙ୍କିଂରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ଯଦି ଆମେ ସମସ୍ତେ ବ୍ୟକ୍ତିଗତ ଭାବେ ନିଜ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବା, ତେବେ ଆମ ସହର ଦେଶର ସବୁଠାରୁ ସ୍ୱଚ୍ଛ ଓ ସୁନ୍ଦର ହୋଇ ପ୍ରଥମ ସ୍ଥାନ ହାସଲ କରିବ।

ଗୁରୁବାର ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆୟୋଜିତ 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି ।

ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଯେପରି ନିଜ ଘର, ବାଡ଼ି, ଦାଣ୍ଡ ଓ ଅଗଣା ସଫା ରଖୁଛୁ, ସେହିପରି ଆମ ଦୃଷ୍ଟିକୋଣକୁ ଆଉ ଟିକିଏ ପ୍ରସାରିତ କରିବା ଆବଶ୍ୟକ। ଘର ଆଗ ରାସ୍ତା ଓ ନିଜ କଲୋନୀକୁ ସଫା ରଖିବାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର। ସଫେଇ କର୍ମଚାରୀମାନଙ୍କ କାର୍ଯ୍ୟରେ ଯୋଡ଼ିହୋଇ ଘରର ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା କରି ନିୟମିତ ସଫେଇ ଗାଡ଼ିକୁ ଦେବା ଏବଂ ରାସ୍ତାରେ ଅଳିଆ ନ ଫିଙ୍ଗି ଅନ୍ୟମାନଙ୍କୁ ମଧ୍ୟ ବାରଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।



ଦେଶର ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସ୍ୱଚ୍ଛତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ମାତ୍ର ୨୦୧୪ ମସିହାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନର ସଫଳ ରୂପାୟନ କରି 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆଜିର ଏହି ସ୍ୱତନ୍ତ୍ର 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' କାର୍ଯ୍ୟକ୍ରମ ସମଗ୍ର ସମାଜକୁ ସ୍ୱଚ୍ଛତା ସହିତ ଯୋଡ଼ିବାର ଏକ ଅଭିନବ ଓ ପ୍ରଶଂସନୀୟ ଉଦ୍ୟମ।

ଆମର ପ୍ରିୟ ଭୁବନେଶ୍ୱର ସହର ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିଥିବାରୁ, ଏହାର ଶ୍ରେୟ ସଫେଇ ମିତ୍ରମାନଙ୍କୁ ଦେବା ସହ ସେମାନଙ୍କ ନିରବଚ୍ଛିନ୍ନ ସେବା ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ସେ ସଫେଇ ମିତ୍ରମାନଙ୍କ ସାମାଜିକ ସୁରକ୍ଷା ଓ ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

ଏହାସହ ଦେଶର ୫୦ଟି 'ମଡେଲ ସାନିଟେସନ ସିଟି' ଭାବେ ବିକଶିତ ହେବା ପାଇଁ ଓଡ଼ିଶାର ଦୁଇଟି ପ୍ରମୁଖ ସହର ଭୁବନେଶ୍ୱର ଓ ପୁରୀ ମନୋନୀତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମହାନଗର ନିଗମର କର୍ତ୍ତୃପକ୍ଷ, ଅଧିକାରୀ ଏବଂ ବିଶେଷ ଭାବେ ସଫେଇ ମିତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଏମସି କମିଶନର ଚଞ୍ଚଳ ରାଣା, କର୍ପୋରେଟର, ବିଏମସି କର୍ମଚାରୀଙ୍କ ସମେତ ସଫେଇ ମିତ୍ରମାନେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ରାଜ୍ୟପାଳ



ନୂଆଦିଲ୍ଲୀ, ୧।୧୦

ଗୁରୁବାର ଦିନ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଭେଟି ରାଜ୍ୟର ବିକାଶ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଛନ୍ତି।

ଏହି ସାକ୍ଷାତ ସମୟରେ ରାଜ୍ୟପାଳ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ସେଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।ଏହାସହ, ଓଡ଼ିଶା ଲୋକ ଭବନକୁ ନିକଟରେ ମିଳିଥିବା 'ଆଇଜିବିସି ପ୍ଲାଟିନମ୍ ସାର୍ଟିଫିକେସନ୍' ବିଷୟରେ ମଧ୍ୟ ରାଜ୍ୟପାଳ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।ଆଲୋଚନାରେ ରାଜ୍ୟର ବିକାଶ ଏବଂ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ପ୍ରସଙ୍ଗ ସ୍ଥାନ ପାଇଥିଲା। ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ମଧ୍ୟରେ ସ୍ମାରକ ଆଦାନପ୍ରଦାନ ହୋଇଥିଲା।

# ପିକନିକ୍ ବେଳେ ଅଘଟଣ : ସମୁଦ୍ରରେ ବୁଡ଼ି ୮ ଛାତ୍ର ମୃତ

ରାୟଗଡ, ୧।୧୦

ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ପିକନିକ୍ ବେଳେ ବଡ଼ ଅଘଟଣ । ଦିବେଆଗର ସମୁଦ୍ର ବେଳାଭୂମିରେ ବୁଡ଼ି ୮ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଗୁରୁବାର ଏହି ଦୁଃଖଦ ଘଟଣା ଘଟିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ପୁଣେ ଜିଲ୍ଲାର ଆଲନ୍ଦୀରୁ ଏକ ଘରୋଇ କ୍ଲାସର ଛାତ୍ରଛାତ୍ରୀ ପିକନିକ୍ ପାଇଁ ଦିବେଆଗର ଆସିଥିଲେ । ସମୁଦ୍ରର ଗଭୀରତା ଓ ଲହଡ଼ିର ତୀବ୍ରତା ସମ୍ପର୍କରେ ଅନୁମାନ ନଥିବାରୁ ଅଘଟଣ ଘଟିଥିବା ପ୍ରାଥମିକ ସୂଚନା ମିଳିଛି । ଘଟଣା ଜଣାପଡ଼ିବା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାକାଳୀ ୱାଟର ସ୍ପୋର୍ଟସର କର୍ମଚାରୀଙ୍କ ସହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ଦୀର୍ଘ ସମୟର ଉଦ୍ୟମ ପରେ ସମୁଦ୍ରରୁ ୮ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ପରେ ସମସ୍ତ ମୃତଦେହକୁ ଆବଶ୍ୟକ ପ୍ରକ୍ରିୟା ପାଇଁ ବୋର୍ଲି ପଞ୍ଚତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି । ଘଟଣା ପରେ ଦିବେଆଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପ୍ରଚାର ପରେ ଘଟଣାସ୍ଥଳରେ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ ।

# ଦେବାଶିଷ ସିଂହ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

ଭୁବନେଶ୍ୱର, ୧।୧୦ : ନ୍ୟୁଜ୍ ବ୍ୟୁରୋ

ଆଇଏଏସ୍ ଅଧିକାରୀ ଦେବାଶିଷ ସିଂହଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଦେବାଶିଷ ସିଂହ ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଗୁରୁବାର ଜାରି ବିଜ୍ଞପ୍ତିରେ ତାଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ସହ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତ କରାଯାଇଥିବା ଦର୍ଶାଯାଇଛି।

### ଶ୍ରୀଜଗନ୍ନାଥଙ୍କ 'ଅମୃତ ମଣୋହି' ଜମି ହଡ଼ପ ଉଦ୍ୟମକୁ ବଡ଼ ଝଟକା !

# ରାଜସ୍ୱ ପର୍ଷଦଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ମହାପ୍ରଭୁଙ୍କ ନାଁକୁ ଫେରିଲା ଜମି

କଟକ, ୧/୧୦ : ନ୍ୟୁଜ ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ଜମି ହଡ଼ପ ଉଦ୍ୟମକୁ ବଡ଼ ଝଟକା ଲାଗିଛି। ଦୁଇଟି ମାମଲାରେ କିସମ ପରିବର୍ତ୍ତନ ପାଇଁ ଆସିଥିଲା ଜମି। ଶେଷରେ ମହାପ୍ରଭୁଙ୍କ ନାମରେ ଫେରିଲା ଜମି । ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନ, ୧୯୫୮ର ଧାରା ୩୨ରେ ଥିବା କ୍ଷମତା ବଳରେ ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଶ୍ରୀ ଗୁଣ୍ଡିଚା ମନ୍ଦିର ଶରଧାବାଲି ନିକଟବର୍ତ୍ତୀ ମୂଲ୍ୟବାନ ଜମିର ସାବିକ ରେକର୍ଡରେ ମାଲିକ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ସ୍ଥିତି ଅମୃତ ମଣୋହି । ପରେ ବଦଳିଗଲା ରେକର୍ଡ। ଆସିଲା ବ୍ୟକ୍ତିଗତ ନାମ । ହେଲା ବିକ୍ରୟ । କିସମ ପରିବର୍ତ୍ତନ ଓ ନିଜସ୍ୱ ଅଧିକାରର ଦାବିକୁ ନେଇ ବିଷୟ ଯାଇ ପହଞ୍ଚିଲା ଓଡ଼ିଶା ରାଜସ୍ୱ ପର୍ଷଦରେ। ଶେଷରେ ରାଜସ୍ୱ ପର୍ଷଦର ହସ୍ତକ୍ଷେପରେ ମହାପ୍ରଭୁଙ୍କ ଅମୃତ ମଣୋହି ଜମିର ମୂଳ ସ୍ଥିତି ପୁଣି ସ୍ପଷ୍ଟ ହୋଇଛି । ଯେଉଁ ଜମିକୁ ବ୍ୟକ୍ତିଗତ ରେକର୍ଡରେ ନେବାର ଦାବି ହୋଇଥିଲା, ତାହାକୁ ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ କରିବାକୁ ନିର୍ଦ୍ଦେଶ ହୋଇଛି । ମୌଜା ତାଳବଣିଆ, ପୁରୀର ଏହି ଜମି ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଥିବାରୁ ଏହାର ଗୁରୁତ୍ୱ ଅଧିକ। ମାମଲାରେ ଉପଲବ୍ଧ ସାବିକ ରେକର୍ଡରୁ ଜଣାପଡ଼ିଥିଲା ଯେ ସମ୍ପୃକ୍ତ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଅମୃତ ମଣୋହି ସ୍ଥିତିରେ ୧୮୮୯ ମସିହା ସାବିକ ରେକର୍ଡଭୁକ୍ତ ଥିଲା। କିନ୍ତୁ ୨୦୦୨ ମସିହାରେ ଏହି ଜମିର ରେକର୍ଡ ବ୍ୟକ୍ତିଗତ ନାମରେ କରାଯାଇଥିଲା। ଏହାପରେ ପଞ୍ଜିକୃତ ବିକ୍ରୟ ଦଲିଲ ମାଧ୍ୟମରେ ଜମି ଅନ୍ୟ ବ୍ୟକ୍ତିଙ୍କ ନାମକୁ ହସ୍ତାନ୍ତର ହୋଇଥିବା ତଥ୍ୟ ମଧ୍ୟ ମାମଲାରେ ଆସିଥିଲା । ଜମିର ମୂଳ ମାଲିକାନା ଓ ପରବର୍ତ୍ତୀ ହସ୍ତାନ୍ତରର ବୈଧତାକୁ ନେଇ ଏହିଠାରୁ ମୁଖ୍ୟ ଆଇନଗତ ପ୍ରଶ୍ନ ଉଠିଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଓଡ଼ିଶା ରାଜସ୍ୱ ପର୍ଷଦର ନ୍ୟସ୍ତ, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୩୨ ଅନୁଯାୟୀ ସ୍ୱତଃ ପ୍ରବୃତ୍ତ ଭାବେ, ମାମଲା ଗ୍ରହଣ କରି ସମ୍ପୃକ୍ତ ରେକର୍ଡ ଓ ଦଲିଲ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। ସାବିକ ରେକର୍ଡ, ହାଲ ରେକର୍ଡ, ବିକ୍ରୟ ଦଲିଲ, ଜମିର ଉତ୍ସ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପତ୍ତି ସମ୍ପର୍କିତ ଆଇନଗତ ବ୍ୟବସ୍ଥାକୁ ଏକାଠି ବିଚାର କରାଯାଇଛି। ମାମଲାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରସଙ୍ଗ ସାମ୍ନାକୁ ଆସିଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୫ର ଧାରା ୧୬(୨) ଅନୁଯାୟୀ, ମନ୍ଦିର କମିଟିର ଦଖଲରେ ଥିବା ଅଚଳ ସମ୍ପତ୍ତିକୁ ବିକ୍ରୟ କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଆବଶ୍ୟକ ପୂର୍ବ ଅନୁମୋଦନ ଦରକାର । ଏହି ଆବଶ୍ୟକ ପୂର୍ବ ଅନୁମୋଦନ ଥିବାର ପ୍ରମାଣ ମାମଲାରେ ଉପସ୍ଥାପିତ ହୋଇ ପାରି ନଥିଲା ।

ରାଜସ୍ୱ ପର୍ଷଦର ବିଚାରରେ, ମୂଳ ହସ୍ତାନ୍ତରର ଆଇନଗତ ବୈଧତା ପ୍ରମାଣିତ ନହେଲେ କେବଳ ପରବର୍ତ୍ତୀ ବିକ୍ରୟ ଦଲିଲ ଦ୍ୱାରା ସେହି ତ୍ରୁଟିକୁ ବୈଧ କରାଯାଇପାରିବ ନାହିଁ । ଏପରିକି ମନ୍ଦିର ପରିଚାଳନା କମିଟିର ସମ୍ମତି କିମ୍ବା ଅନାପତ୍ତି ଥିବା ଦାବି ମଧ୍ୟ ରାଜ୍ୟ ସରକାରଙ୍କ ଆବଶ୍ୟକ ପୂର୍ବ ଅନୁମୋଦନର ବିକଳ୍ପ ହୋଇପାରିବ ନାହିଁ ବୋଲି ଆଇନଗତ ସ୍ଥିତିକୁ ବିଚାର କରାଯାଇଛି। ଫଳରେ ଜମିର ମୂଳ ରେକର୍ଡ ଓ ଏହାର ପରବର୍ତ୍ତୀ ହସ୍ତାନ୍ତର ମଧ୍ୟରେ ଥିବା ତଫାତ ଉପରେ ଗୁରୁତ୍ୱ ଦିଆଯାଇଛି। ଶେଷରେ ରାଜସ୍ୱ ପର୍ଷଦ ପକ୍ଷରୁ ସମ୍ପୃକ୍ତ ଜମିର ହାଲ ଓ ନଟ୍-ଫାଇନାଲ ରେକର୍ଡକୁ ସାବିକ ରେକର୍ଡ ସହ ସମନ୍ୱୟ ରଖି 'ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ, ମାର୍ଫତ ମନ୍ଦିର ପରିଚାଳନା କମିଟି, ଅମୃତ ମଣୋହି ସ୍ଥିତି'ରେ ରେକର୍ଡ କରିବାକୁ ସମ୍ପୃକ୍ତ ସେଟଲମେଣ୍ଟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି । ଅର୍ଥାତ୍ ଯେଉଁ ଜମି କ୍ରମେ ବ୍ୟକ୍ତିଗତ ରେକର୍ଡରେ ଆସିଥିଲା ଏବଂ ପରବର୍ତ୍ତୀ ସମୟରେ ବିକ୍ରୟ ହୋଇଥିଲା, ତାହାର ମୂଳ ରେକର୍ଡର ସ୍ଥିତିକୁ ରାଜସ୍ୱ ପର୍ଷଦ ପୁନର୍ବାର ସ୍ପଷ୍ଟ କରିଦେଇଛି । କିସମ ପରିବର୍ତ୍ତନର ଦାବି ନେଇ ଆସିଥିବା ଜମି ଶେଷରେ ମହାପ୍ରଭୁଙ୍କ ନାମରେ ରହିଲା । ଏହି ଘଟଣାର ସବୁଠାରୁ ବଡ଼ ଦିଗ ହେଉଛି ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ମୂଲ୍ୟବାନ ଜମିର ମୂଳ ଅମୃତ ମଣୋହି ସ୍ଥିତିକୁ ପରବର୍ତ୍ତୀ ବ୍ୟକ୍ତିଗତ ରେକର୍ଡ ଓ ବିକ୍ରୟ ଦଲିଲ ଆଧାରରେ ପରିବର୍ତ୍ତନ କରାଯାଇପାରିଲା ନାହିଁ । ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁ, ଏହି ପ୍ରକାରର ପ୍ରାୟ ୧.୫ ଏକର ବା ଦେଢ଼ ଏକର ଜମିକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଖାତାକୁ ଆଣିବା ପାଇଁ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ସରକାରୀ ଅଧିବକ୍ତା ଅମ୍ବିକା ପ୍ରସାଦ ମିଶ୍ର ମଧ୍ୟ ମାମଲାରେ ମହାପ୍ରଭୁଙ୍କ ପକ୍ଷରୁ ଦୃଢ଼ ଭାବେ ଆଇନଗତ ପକ୍ଷ ଉପସ୍ଥାପନ କରିଛନ୍ତି । ଏହି ଦୁଇଟି ମାମଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ସମ୍ପତ୍ତିର ରେକର୍ଡ ସୁରକ୍ଷା ଓ ଆଇନଗତ ସୁରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ଭାବେ ଦେଖାଯାଉଛି । ମହାପ୍ରଭୁଙ୍କ ନାମରେ ଥିବା ମୂଳ ଅଧିକାରକୁ କେବଳ ପରବର୍ତ୍ତୀ ରେକର୍ଡ, ମ୍ୟୁଟେସନ କିମ୍ବା ବିକ୍ରୟ ଦଲିଲ ଆଧାରରେ ବଦଳାଇ ଦିଆଯାଇପାରିବ ନାହିଁ । ଏହି ଆଇନଗତ ସ୍ଥିତି ଏହି ମାମଲାଗୁଡ଼ିକରେ ପୁଣିଥରେ ସାମ୍ନାକୁ ଆସିଛି।




ପ୍ରଭାତୀୟ
32 YEARS
ସମ୍ବାଦ କଳିକା

## ଚାଷୀଙ୍କୁ ଦୀପାବଳି ଭେଟି : ୬ ଫସଲର ଏମଏସପି ବୃଦ୍ଧି

ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଛି ଦୀପାବଳି ଭେଟି । ସେମାନଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ଦେବା ଲାଗି କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବିପଣନ ବର୍ଷ ୨୦୨୭-୨୮ ପାଇଁ ଗହମ ସମେତ ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସପି) ବଢ଼ାଯାଇଛି । ଗହମର ସର୍ବନିମ୍ନ ସହାୟକ ମୂଲ୍ୟକୁ କୁଇଣ୍ଟାଲ ପିଛା ୨୫ ଟଙ୍କା ବଢ଼ାଯାଇ ୨,୬୧୦ ଟଙ୍କା କରାଯାଇଛି। ଏହା ୨୦୨୬-୨୭ରେ ୨୫୮୫ ଟଙ୍କା ଥିଲା । ସେହିଭଳି କୁଇଣ୍ଟାଲ ପିଛା ବାଲିର ଏମ୍ଏସପିକୁ ୨୦୨୬-୨୭ର ୨୧୫୦ ଟଙ୍କାରୁ ୨୨୮୬ ଟଙ୍କାକୁ ବୃଦ୍ଧି କରାଯାଇଛି । ଚଣା ଏମ୍ଏସପି ୫୮୭୫ ଟଙ୍କାରୁ ୫୯୫୮ ଟଙ୍କାକୁ ବଢ଼ିଛି। କ୍ୟାବିନେଟ୍ ପକ୍ଷରୁ କୁଇଣ୍ଟାଲ ପିଛା ମସୁର ଏମ୍ଏସପିକୁ ୭୩୯୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ୨୦୨୬-୨୭ରେ ୭୦୦୦ ଟଙ୍କା ଥିଲା । ସୋରିଷ ଏମ୍ଏସପି ୬୬୧୩ ଟଙ୍କା ଏବଂ କୁସୁମ ଏମ୍ଏସପି ୭୨୧୫ ଟଙ୍କାକୁ ବୃଦ୍ଧି ପାଇଛି । ୨୦୨୬-୨୭ରେ ଉଭୟର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ଯଥାକ୍ରମେ ୬୨୦୦ ଟଙ୍କା ଏବଂ ୬୫୪୦ ଟଙ୍କା ଥିଲା । ରବି ମାର୍କେଟିଂ ଋତୁ ୨୦୨୭-୨୮ ପାଇଁ ରବି ମୂଲ୍ୟ ନୀତିକୁ ମଞ୍ଜୁରୀ ଦେଇଛନ୍ତି ସରକାର, ଯାହା ଅଧୀନରେ ଚାଷୀଙ୍କୁ ଆନୁମାନିକ ଭାବେ ୯୦,୯୬୨ କୋଟି ଟଙ୍କା ପ୍ରଦାନ କରାଯିବ। କୃଷି ଖର୍ଚ୍ଚ ଏବଂ ମୂଲ୍ୟ ଆୟୋଗ(ସିଏସିପି)ର ସୁପାରିସ ଆଧାରରେ କୃଷି ମନ୍ତ୍ରାଳୟ ଏମ୍ଏସପିରେ ସାମାନ୍ୟ ବୃଦ୍ଧିର ପ୍ରସ୍ତାବ ଦେଇଥିଲା । ଏଥିରେ ଖର୍ଚ୍ଚ, ଏଲନିନୋ ଆଶଙ୍କା ଏବଂ ବିଶ୍ୱ ଓ ଘରୋଇ ଦରକୁ ଧ୍ୟାନରେ ରଖାଯାଇଥିଲା । ଏହାସହିତ କ୍ୟାବିନେଟ୍ ଆହୁରି କିଛି ବଡ଼ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଏଥିମଧ୍ୟରେ ଏକ ବଡ଼ ଅକ୍ଷୟଶକ୍ତି କାର୍ଯ୍ୟକ୍ରମ ପିଏମ୍ ଧରା ଏବଂ ଦିଲ୍ଲୀ ପାଇଁ ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ ବ୍ୟବସ୍ଥା ସାମିଲ ଅଛି । ଏହି ତିନୋଟି ପ୍ରସ୍ତାବ ବାବଦ ମୋଟ ୨,୭୯,୧୫୭ କୋଟି ଟଙ୍କା ଖର୍ଚ୍ଚ ହେବ । କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ନିଷ୍ପତ୍ତିଗୁଡ଼ିକ ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି । ସେ କହିଲେ ଯେ, ପିଏମ୍ ଧରା(ଡେଭ୍ଲପିଂ ହାର୍ମୋନାଇଜଡ ଆଣ୍ଡ୍ ଆକ୍ସିଲରେଟେଡ୍ ରିନ୍ୟୁବଲ ଏନର୍ଜି ଆକ୍ସେସ୍) କାର୍ଯ୍ୟକ୍ରମ ପାଇଁ ୧,୮୬,୪୦୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ଗ୍ରୀନ ଏନର୍ଜି କରିଡର ଫେଜ୍-୩ ଯୋଜନା ଅଧୀନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ୧୩୫ ଗିଗାୱାଟ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତି ପାଇଁ ଆନ୍ତଃ ରାଜ୍ୟ ଟ୍ରାନ୍ସମିଶନ ସିଷ୍ଟମ ବନାଯିବ । ଏହି କାର୍ଯ୍ୟକୁ ୨୦୩୨-୩୩ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି । ସରକାର ଦେଶରେ ସୂର୍ଯ୍ୟ ଏବଂ ପବନ ଶକ୍ତିରୁ ପ୍ରସ୍ତୁତ ସ୍ୱଚ୍ଛ ବିଦ୍ୟୁତକୁ ବିନା ବାଧାରେ ଘରେ ଘରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଏ ନିଷ୍ପତ୍ତି ନେଇଛନ୍ତି । ଏହାସହିତ ୫୦ ଗିଗାୱାଟ ବ୍ୟାଟେରି ଏନର୍ଜି ଷ୍ଟୋରେଜ ସିଷ୍ଟମ ବି ଲଗାଯିବ । ଯୋଜନା ଅଧୀନରେ ଜରୁରୀ ସମୟରେ ବ୍ୟାଟେରି ଷ୍ଟୋରେଜରୁ ବିଦ୍ୟୁତ ଉପଲବ୍ଧ କରାଯିବ ଏବଂ ସୌର ଶକ୍ତିର ଅନିୟମିତତାର ସମସ୍ୟା କମ୍ ହେବ । ଏହି କାର୍ଯ୍ୟକ୍ରମ ଅକ୍ଷୟ ଶକ୍ତି ପର୍ଯ୍ୟନ୍ତ ପହଞ୍ଚ ବଢ଼ାଇବା ଏବଂ ଏହାକୁ ଦ୍ରୁତ ବେଗରେ ବିକଶିତ କରିବା ଉପରେ ଧ୍ୟାନକେନ୍ଦ୍ରିତ କରୁଛି । ଏହା ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ ଦିଗରେ ସରକାରଙ୍କ ବ୍ୟାପକ ଉଦ୍ୟମର ଅଂଶ । ଏହାସହିତ ସରକାର ଦିଲ୍ଲୀର ନ୍ୟାସନାଲ କ୍ୟାପିଟାଲ ଟେରିଟୋରୀରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍ଏସ୍) ପାଇଁ ବି ୧,୭୯୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଆଶା କରାଯାଉଛି, ଏ ସିଷ୍ଟମ ରାଜଧାନୀରେ ଟ୍ରାଫିକ ପରିଚାଳନା ଏବଂ ପ୍ରବନ୍ଧନକୁ ଉନ୍ନତ କରିବା ପାଇଁ ପ୍ରଯୁକ୍ତି-ଆଧାରିତ ଟ୍ରାଫିକ ପରିଚାଳନା ଟୁଲର ବ୍ୟବହାର କରିବ ।

## ଗାନ୍ଧିଜୀ ଓ ସ୍ୱରାଜ



ଦାଶରଥି ଶତପଥୀ
ପ୍ରାକ୍ତନ ସଚିବ ଓ ଓକ୍ତା, ଓଡ଼ିଶା ବିଧାନ ସଭା
ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଓ ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ

ସ୍ୱରାଜ ଶବ୍ଦଟି ଶୁଣିଲେ ଆମ ମନରେ ପ୍ରଥମେ ଭାରତର ସ୍ୱାଧୀନତା କଥା ଆସେ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ପାଇଁ ସ୍ୱରାଜ କେବଳ ଇଂରେଜମାନଙ୍କୁ ଦେଶରୁ ବାହାର କରିବା ନ ଥିଲା। ତାଙ୍କ ପାଇଁ ସ୍ୱରାଜ ଥିଲା ଏକ ବହୁତ ବଡ ସ୍ୱପ୍ନ, ଏକ ସମ୍ପୂର୍ଣ୍ଣ ଜୀବନ ଦର୍ଶନ। ସେ କହୁଥିଲେ ସ୍ୱରାଜ ମାନେ କେବଳ ରାଜନୈତିକ ସ୍ୱାଧୀନତା ନୁହେଁ, ସ୍ୱରାଜ ମାନେ ନିଜ ଉପରେ ରାଜ, ନିଜ ମନ ଉପରେ ଶାସନ। ଯେ ପର୍ଯ୍ୟନ୍ତ ମଣିଷ ନିଜ ଲୋଭ, ଭୟ, ସ୍ୱାର୍ଥ ଉପରେ ଜିତି ନାହିଁ, ସେ ପର୍ଯ୍ୟନ୍ତ ସେ ସ୍ୱରାଜ ପାଇ ନାହିଁ। ଗାନ୍ଧିଜୀ ହିନ୍ଦ ସ୍ୱରାଜ ନାମକ ଏକ ଛୋଟ ବହି ଲେଖିଥିଲେ ଦକ୍ଷିଣ ଆଫ୍ରିକାରୁ ଫେରୁଥିବା ଜାହାଜରେ। ସେଥିରେ ସ୍ୱରାଜର ପ୍ରକୃତ ଅର୍ଥ ବୁଝାଇଥିଲେ। ସେ କହିଥିଲେ ପାଶ୍ଚାତ୍ୟ ସଭ୍ୟତା ଭୋଗର ସଭ୍ୟତା, ଭାରତୀୟ ସଭ୍ୟତା ତ୍ୟାଗର ସଭ୍ୟତା। ଆମେ ଯଦି କେବଳ ଇଂରେଜଙ୍କୁ ହଟାଇ ଇଂରେଜୀ ଭଳି ଶାସନ କରିବା, ତେବେ ତାହା ସ୍ୱରାଜ ନୁହେଁ, ତାହା ଇଂରେଜୀ ରାଜ। ପ୍ରକୃତ ସ୍ୱରାଜ ହେଉଛି ଗ୍ରାମ ସ୍ୱରାଜ। ପ୍ରତ୍ୟେକ ଗାଁ ନିଜେ ନିଜର ମାଲିକ ହେବ, ନିଜ ଖାଦ୍ୟ ନିଜେ ଫଳାଇବ, ନିଜ କପଡା ନିଜେ ବୁଣିବ, ନିଜ ଝଗଡା ନିଜେ ମେଣ୍ଟାଇବ। ବାହାର ଉପରେ ନିର୍ଭର ନ କରି ନିଜ ଗୋଡରେ ଠିଆ ହେବା ହିଁ ସ୍ୱରାଜ। ଏହି ଚିନ୍ତାରୁ ହିଁ ଆସିଲା ଚରଖା ଓ ଖଦୀ। ଆଜି ଅନେକେ ଭାବନ୍ତି ଚରଖା କେବଳ ଏକ ପ୍ରତୀକ ଥିଲା। କିନ୍ତୁ ଗାନ୍ଧିଜୀଙ୍କ ପାଇଁ ଚରଖା ଥିଲା ଅର୍ଥନୀତି, ସ୍ୱରାଜର ଅସ୍ତ୍ର। ଯେତେବେଳେ ପ୍ରତ୍ୟେକ ଭାରତୀୟ ନିଜ ସୂତା ନିଜେ କାଟିବ, ସେତେବେଳେ ମାନଚେଷ୍ଟରର ମିଲ ବନ୍ଦ ହେବ, ଇଂରେଜ ଆପେ ଚାଲିଯିବ। ଖଦୀ କେବଳ କପଡା ନ ଥିଲା, ତାହା ଥିଲା ସ୍ୱାଭିମାନ। ନିଜ ହାତରେ ତିଆରି କପଡା ପିନ୍ଧିବାର ଗର୍ବ। ଏହା ହିଁ ଆତ୍ମନିର୍ଭରତା। ଆଜି ଆମେ ଆତ୍ମନିର୍ଭର ଭାରତ କଥା କହୁଛୁ, ଏହା ଗାନ୍ଧିଜୀ ଶହେ ବର୍ଷ ପୂର୍ବେ କହି ସାରିଥିଲେ।

ଗାନ୍ଧିଜୀଙ୍କ ସ୍ୱରାଜର ଆଉ ଏକ ସ୍ତମ୍ଭ ଥିଲା ସତ୍ୟ ଓ ଅହିଂସା। ସେ କହୁଥିଲେ ଅସତ୍ୟ ଓ ହିଂସା ଦ୍ୱାରା ଯେଉଁ ରାଜ ଆସିବ, ତାହା ସ୍ୱରାଜ ହୋଇ ନ ପାରେ। ଅନେକେ ତାଙ୍କୁ ପଚାରୁଥିଲେ ବିନା ରକ୍ତରେ ସ୍ୱାଧୀନତା ମିଳିବ କି? ସେ ହସି କହୁଥିଲେ ରକ୍ତ ଦେଇ ଯଦି ସ୍ୱାଧୀନତା ଆସେ, ତାହା ରକ୍ତର ପିପାସୁ ହେବ। କିନ୍ତୁ ସତ୍ୟାଗ୍ରହ ଦ୍ୱାରା ଯେଉଁ ସ୍ୱରାଜ ଆସିବ, ତାହା ସମସ୍ତଙ୍କର ହେବ। ସେଥିପାଇଁ ସେ ଲୁଣ ସତ୍ୟାଗ୍ରହ କଲେ, ଅସହଯୋଗ କଲେ, ଭାରତ ଛାଡ ଆନ୍ଦୋଳନ କଲେ, କିନ୍ତୁ କେବେ ଲାଠି ଉଠାଇଲେ ନାହିଁ। ସେ ଜାଣିଥିଲେ ସ୍ୱରାଜ କେବଳ କ୍ଷମତା ବଦଳ ନୁହେଁ, ଏହା ହୃଦୟ ବଦଳ। ଇଂରେଜମାନେ ଯିବେ, କିନ୍ତୁ ଭାରତୀୟମାନେ ପରସ୍ପରକୁ ଭଲ ପାଇବା ଶିଖିବେ, ଏହା ହିଁ ସ୍ୱରାଜ। ତାଙ୍କ ସ୍ୱରାଜରେ ସବୁ ଧର୍ମ, ସବୁ ଜାତି ସମାନ ଥିଲେ। ସେ ରାମ ରାଜ୍ୟ କଥା କହୁଥିଲେ। ରାମ ରାଜ୍ୟ ମାନେ ହିନ୍ଦୁ ରାଜ୍ୟ ନୁହେଁ। ରାମ ରାଜ୍ୟ ମାନେ ଏପରି ରାଜ୍ୟ ଯେଉଁଠି କେହି ଦୁଃଖୀ ନାହିଁ, କେହି ଭୋକିଲା ନାହିଁ, ସମସ୍ତଙ୍କୁ ନ୍ୟାୟ ମିଳେ। ରାମାୟଣର ରାମ ଯେପରି ସବୁ ପ୍ରଜାଙ୍କୁ ପୁଅ ଭଳି ଦେଖୁଥିଲେ, ସେପରି ରାଜ୍ୟ। ସେଥିପାଇଁ ସେ ହରିଜନମାନଙ୍କ ପାଇଁ ଲଢିଲେ, ହିନ୍ଦୁ ମୁସଲମାନ ଏକତା ପାଇଁ ଅନଶନ କଲେ। ସେ କହୁଥିଲେ ଯଦି ହିନ୍ଦୁ ମୁସଲମାନ ଏକାଠି ନ ରହିବେ, ତେବେ ସ୍ୱରାଜର ଅର୍ଥ ନାହିଁ। ସ୍ୱରାଜ କେବଳ ରାଜନୈତିକ ନୁହେଁ, ଏହା ସାମାଜିକ ମଧ୍ୟ। ଅସ୍ପୃଶ୍ୟତା ଥିବା ଯାଏ ସ୍ୱରାଜ ଅସମ୍ପୂର୍ଣ୍ଣ। ନାରୀକୁ ସମ୍ମାନ ନ ମିଳିବା ଯାଏ ସ୍ୱରାଜ ଅସମ୍ପୂର୍ଣ୍ଣ। ଆଜି ଆମେ ସ୍ୱରାଜ ପାଇଛୁ, କିନ୍ତୁ ଗାନ୍ଧିଜୀଙ୍କ ସ୍ୱରାଜ ପାଇଛୁ କି? ଆମ ଗାଁ ଆତ୍ମନିର୍ଭର ହୋଇଛି କି? ଆମେ ନିଜ ଜିନିଷ ବ୍ୟବହାର କରୁଛୁ କି? ଆମ ମନରେ ଅହିଂସା ଅଛି କି? ଆମେ ହିନ୍ଦୁ ମୁସଲମାନ ଭାଇ ଭାଇ ହୋଇ ରହୁଛୁ କି? ଏହି ପ୍ରଶ୍ନର ଉତ୍ତର ଯଦି ନାହିଁ, ତେବେ ଆମେ ଏଯାଏ ପୂରା ସ୍ୱରାଜ ପାଇ ନାହୁଁ। ଆମେ କେବଳ ରାଜନୈତିକ ସ୍ୱରାଜ ପାଇଛୁ, ସାମାଜିକ ଓ ଆର୍ଥିକ ଓ ନୈତିକ ସ୍ୱରାଜ ଏଯାଏ ବାକି ଅଛି। ମୁଁ ପ୍ରଶାସନରେ ଦେଖିଛି ସ୍ୱରାଜର ଅର୍ଥ କଣ। ଯେତେବେଳେ ଜଣେ ଗରିବ ଆଦିବାସୀ ନିଜ ଅଧିକାର ଜାଣେ ଓ ନିର୍ଭୟରେ କହେ, ସେତେବେଳେ ସ୍ୱରାଜ ଆସେ। ଯେତେବେଳେ ଜଣେ ମହିଳା ନିଜ ଗୋଡରେ ଠିଆ ହୁଏ, ସେତେବେଳେ ସ୍ୱରାଜ ଆସେ। ବିଧାନ ସଭାରେ ଯେତେବେଳେ ଗରିବର କଥା ଶୁଣାଯାଏ, ସେତେବେଳେ ସ୍ୱରାଜ ଆସେ। ସ୍ୱରାଜ କୌଣସି ବଡ ସମାରୋହ ନୁହେଁ, ଏହା ପ୍ରତିଦିନର ଛୋଟ ଛୋଟ କାମରେ ଅଛି। ଗାନ୍ଧିଜୀ ଆଜି ନାହାନ୍ତି, କିନ୍ତୁ ତାଙ୍କ ସ୍ୱରାଜର ସ୍ୱପ୍ନ ଆଜି ବି ଆମକୁ ରାସ୍ତା ଦେଖାଏ। ସେ ସ୍ୱପ୍ନ ହେଉଛି ଏପରି ଭାରତର ଯେଉଁଠି ସବୁଠାରୁ ଗରିବ ଲୋକର ମୁହଁରେ ହସ ଥିବ। ଯାହାକୁ ସେ ଅନ୍ତ୍ୟୋଦୟ କହୁଥିଲେ। ଶେଷ ଧାଡିରେ ଠିଆ ହୋଇଥିବା ଲୋକର ଉଦୟ। ଯଦି ଶେଷ ଲୋକଟି ଖୁସି ନାହିଁ, ତେବେ ସ୍ୱରାଜ ଅସମ୍ପୂର୍ଣ୍ଣ। ଆସନ୍ତୁ ଆମେ ସମସ୍ତେ ସେହି ଅନ୍ତ୍ୟୋଦୟ ପାଇଁ କାମ କରିବା। ନିଜ ଗାଁକୁ ଭଲ ପାଇବା, ନିଜ ମାଟିକୁ ଭଲ ପାଇବା, ପରସ୍ପରକୁ ଭଲ ପାଇବା। ଏହା ହିଁ ଗାନ୍ଧିଜୀଙ୍କୁ ସଚ୍ଚା ଶ୍ରଦ୍ଧାଞ୍ଜଳି ହେବ ଓ ଏହା ହିଁ ପ୍ରକୃତ ସ୍ୱରାଜ ହେବ।



# ଇତିହାସରେ ମହାପୁରୁଷଙ୍କ ପାଇଁ ଦିନଟିଏ



## ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତର ବାସ୍ତବତା



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧାପକ ଓ ସହକାରୀ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ଭୁବନେଶ୍ୱର
ajayakumarnanda@gmail.com

ଆଜି ହେଉଛି ଅକ୍ଟୋବର ଦୁଇ ତାରିଖ ଯାହା ଗାନ୍ଧୀ ଜୟନ୍ତୀ, ଆନ୍ତର୍ଜାତୀୟ ଅହିଂସା ଦିବସ ବା ସ୍ୱଚ୍ଛତା ଦିବସ ରୂପେ ସମଗ୍ର ଭାରତ ବର୍ଷରେ ପ୍ରତି କୋଣ ଅନୁକୋଣରେ ପାଳିତ ହେଉଛି । ସ୍ୱାଧୀନ ଭାରତର ସମସ୍ତ ନାଗରିକ ଗାନ୍ଧିଜୀଙ୍କ ଅମ୍ଳାନ ପ୍ରତିଭା ଓ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ଜଣେ ସରଳ ତଥା ଦୃଢ଼ ମନା ମଣିଷର ଜୀବନ ଦର୍ଶନ ଓ ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତ ପରିକଳ୍ପନାର ଆଭିମୁଖ୍ୟକୁ ସଭାସମିତି ମାଧ୍ୟମରେ ଆଲୋଚନା କରିବା ସହିତ ସେହି ମହାନ୍ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଜଣେ ଜଣେ ସ୍ୱାଧୀନ ନାଗରିକର ନୈତିକ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରୁଛନ୍ତି । ପ୍ରତି ବର୍ଷ ଏହି ଦିନ ଯେତିକି ପାଖେଇ ଆସୁଥିବ, ଏକ ସରଳ ତଥା ଦୃଢ଼ମନା ମଣିଷଟିର ମୁକୁଳା ଦେହରେ ଖଦଡ଼ ଲୁଗା ପରିଧାନରେ ଅଧା ଆଣ୍ଠୁ ଦେଖା ଯାଉଥିବା ସମ୍ମୁଖ ପଟ ଅଣ୍ଟାରେ ଏକ ଘଡି ଝୁଲୁଥିବା ସହିତ ହାତରେ ଏକ ଲମ୍ୱା ବାଡି ଧରିଥିବା ଏକ ଅବିକଳ ଚେହେରାଟି ଅକ୍ଳେଶରେ ଯେକୌଣସି ଭାରତୀୟଙ୍କ ଆଖି ସାମ୍ନାକୁ ଆସିଯିବ ଏଥିରେ ଆଦୌ ସନ୍ଦେହ ନାହିଁ।

ଗାନ୍ଧିଜୀଙ୍କ ଜୀବନ ଦର୍ଶନକୁ ତର୍ଜମା କଲେ ଏଥିରେ ଦେଶପ୍ରେମର ଆଦର୍ଶ ସହ ବିକଶିତ ଭାରତ ଗଠନରେ ଉଭୟ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଥିବା ଅନେକ ଗୂଢ ରହସ୍ୟ ସହଜେ ବାରି ହୋଇ ପଡିବ। ଗାନ୍ଧୀ ଜୟନ୍ତୀ ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ସୁଲଳିତ ତଥା ଦେଶାତ୍ମବୋଧକ ସଙ୍ଗୀତ ରାମଧୂନ "ରଘୁପତି ରାଘବ ରାଜାରାମ ପତିତ ପାବନ ସୀତା ରାମ୍...." ଯାହା ପ୍ରତ୍ୟେକ ଭାରତୀୟଙ୍କୁ ମନୋମୁଗ୍ଧ କରିବା ସହିତ ମନରେ ଦେଶପ୍ରେମ ଜାଗ୍ରତ କରିଥାଏ। ପରେ ପରେ ସଫେଇ କାର୍ଯ୍ୟ ସହିତ ରକ୍ତଦାନ ଶିବିର ଭଳି ଅନେକ ସାମାଜିକ କାର୍ଯ୍ୟ ଓ ସଭାସମିତିମାନ ଆୟୋଜନ କରାଯାଇଥାଏ। ଗାନ୍ଧୀଙ୍କ ପରିକଳ୍ପନା "ସ୍ୱଚ୍ଛ ଭାରତ" ଭଳି ମହତ ଆକାଂକ୍ଷାକୁ ଲୋକଲୋଚନକୁ ଆଣି ସମସ୍ତଙ୍କୁ ଦେଶ ଗଠନରେ ସହଭାଗୀତା ହେବାରେ ପ୍ରବର୍ତ୍ତାଇବା ହେଉଛି ଆଜିର ଦିନର ମୂଳ ଉଦ୍ଦେଶ୍ୟ। ବର୍ତ୍ତମାନ ଯୁଗ ବଦଳିବା ସହିତ "ସ୍ୱଚ୍ଛ ଭାରତ" ଆଭିମୁଖ୍ୟ କ୍ରମଶ ବଦଳିବା ସହିତ "ସ୍ୱଚ୍ଛତା" ସଂଜ୍ଞା ରେ ଢେର ପରିବର୍ତ୍ତନ ହୋଇଛି। ପରିବେଶ ସ୍ୱଚ୍ଛତା ବିଷୟ ନ କହିଲେ ଭଲ । କଳକାରଖାନା ସମେତ ନର୍ଦ୍ଦମାରୁ ନିର୍ଗତ ଅପରିଷ୍କାର ଜଳ ନଦୀ, ନାଳ ରେ ମିଶି ସ୍ୱଚ୍ଛ ଜଳକୁ ବିଷାକ୍ତ କରୁଛି, ଯାହା ଅନେକ ରୋଗର କାରଣ ରୂପେ ସାବ୍ୟସ୍ତ ହେଉଛି । ଅପରପକ୍ଷେ ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ପରିବେଶକୁ ବିପଦ ଆଡକୁ ଟାଣି ନେଉଛି । ଦେଶରେ ବାୟୁ ପ୍ରଦୂଷଣ ସ୍ଥିତି ସମ୍ପୂର୍ଣ୍ଣ ବିପଜ୍ଜନକ, ଏଥିରେ ସୁଧାର ନ ଆସିଲେ ଆଗକୁ ସ୍ଥିତି ଆହୁରି ସଙ୍ଗିନ ହେବ । ଦୁର୍ନୀତିର କାୟା ଏପରି ବିସ୍ତାର ହୋଇଛି ସେଥିରେ ବଡ ବଡ ଅଫିସରଙ୍କଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତେ ଛନ୍ଦି ହୋଇ ପଡିଛନ୍ତି। ଅସାଧୁମାନଙ୍କ "ଭେଜାଲ ଓ ଅପମିଶ୍ରଣ" ମାନସିକତା ଏବେ ସମଗ୍ର ମାନବ ସମାଜ ପାଇଁ ସତର୍କ ଘଣ୍ଟି ରୂପେ ଉଭା ହୋଇଛି । ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହ ଜୀବନ ରକ୍ଷାକାରୀ ଔଷଧ ମଧ୍ୟ ବାଦ୍ ପଡୁନାହିଁ। ମଣିଷ ପାଇଁ ମଣିଷ ଏବେ ଶତ୍ରୁ । ଅପରପକ୍ଷେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ସ୍ୱଚ୍ଛତାର ଗନ୍ଧ ଆଦୌ ବାରି ହେଉନି । ପ୍ରତିଟି କ୍ଷେତ୍ରରେ "ନୀତି" ଏବେ "ଦୁର୍ନୀତି" ରେ ପରିବର୍ତ୍ତିତ ହୋଇଛି । ଗାନ୍ଧୀ ବିଚାର ଧାରାରେ ସ୍ୱରାଜ ଓ ସ୍ୱାବଲମ୍ବୀ ଭଳି ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟ ଯାହା ଦେଶ ପ୍ରଗତିର ଅସଲ ଚାବିକାଠି ତାହା କ୍ରମଶଃ ଦୂରେଇବାରେ ଲଗିଛି । ଦେଶର ପ୍ରତିଟି ଜନତା ସ୍ୱାବଲମ୍ବୀ ହେଲେ ଦେଶର ଅର୍ଥନୈତିକ ବିକାଶ ହେବା ସହ ଆତ୍ମ ନିର୍ଭର ଭାରତ ଗଠନ ହୋଇପାରିବ, ଯାହାର ମୂଳମନ୍ତ୍ର ଥିଲା " କୁଟି ଖାଅ କାଟି ପିନ୍ଧ"। ଏହାର ମୂଳ ଉଦ୍ଦେଶ୍ୟ ଥିଲା ମଣିଷ କାହା ଉପରେ ନିର୍ଭର ନ କରି ସ୍ୱାବଲମ୍ବୀ ମାନସିକତା ଆପଣାଇବ। ବର୍ତ୍ତମାନ ବିଡମ୍ବନାର ବିଷୟ ଯେ ମଣିଷ ସ୍ୱାବଲମ୍ବୀ ମାନସିକତାକୁ ଫଳପ୍ରଦ କରିପାରୁନାହିଁ । ଏସବୁ ପଛର ମୂଳକାରଣଟି ହେଉଛି ଆଧୁନିକ କବଳିତ ମଣିଷର ମାନସିକତାର ଅହେତୁକ ପରିବର୍ତ୍ତନ। ଅଳ୍ପ ପରିଶ୍ରମରେ ବଡ ସଫଳତା ପଛରେ ମଣିଷ ଅଣନିଃଶ୍ୱାସୀ ହୋଇ ଧାଇଁ ଚାଲିଛି, ଯାହା ମଣିଷକୁ କର୍ମଠ କରିବାରୁ ବଞ୍ଚିତ କରୁଛି । ମଣିଷକୁ ସୁଶାସନ ଦେବା ପାଇଁ ସବୁଠୁ ଉତ୍କୃଷ୍ଟ ବ୍ୟବସ୍ଥା "ରାଜନୀତି" ଏବେ ସମ୍ପୂର୍ଣ୍ଣ ଧରାଶାୟୀ। ଗଣତନ୍ତ୍ର ମାଧ୍ୟମରେ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ସହିତ ସୁସ୍ଥ ସମାଜ ଗଠନ କରି ଦେଶକୁ ରାମ ରାଜ୍ୟ ପ୍ରତିଷ୍ଠା କରିବା ଥିଲା ମହାତ୍ମାଗାନ୍ଧୀଙ୍କ ଏକ ସ୍ୱପ୍ନ । ଗଣତନ୍ତ୍ର ଏବେ ବିପଥଗାମୀ, ରାଜନୀତିରେ ଘୋଡା ବେପାର, ମାଗଣା ବ୍ୟବସ୍ଥା ଓ ରାଜନେତାଙ୍କ ଦଳବଦଳ ଆଭିମୁଖ୍ୟ ଦେଶରେ ସୁଶାସନ ବ୍ୟବସ୍ଥାକୁ ସ୍ଥାଣୁ କରିବା ସହିତ ସାମ୍ବିଧାନିକ ପଦ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହେଉନାହିଁ । ଅପରପକ୍ଷେ ବିଭିନ୍ନ ସମୟରେ ସରକାର ଓ ବିରୋଧୀ କୌଣସି ପ୍ରସଙ୍ଗକୁ ଆଳ କରି ନାରାବାଜି, ହୋହାଲ୍ଲାକରି ଲୋକସଭା ଓ ବିଧାନସଭାରେ ଅଚଳାବସ୍ଥା ଜାରି କରିବା ସହିତ, ଅନେକ ଅପ୍ରୀତିକର ପରିସ୍ଥିତି ଉପୁଜିବାରେ ଖୋରାକ ଯୋଗାଉଛି ଯାହା ରାଜନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ । ବିଜ୍ଞାନ କାରିଗରୀ ଜ୍ଞାନ କୌଶଳର ସହିତ "କୃତ୍ରିମ ବୁଦ୍ଧିମତ୍ତା" ଆଧୁନିକ ମଣିଷକୁ ଅଧିକ ପରିପକ୍ୱ କରିଥିଲେ ମଧ୍ୟ "ମାନବିକତା" ଭଳି ମହତ୍ ଗୁଣକୁ ବଞ୍ଚାଇ ରଖିବାରେ ସମ୍ପୂର୍ଣ୍ଣ ରୂପେ ବିଫଳ । ସମୟକ୍ରମେ ମଣିଷର ମାନସିକ ଅଧୋପତନ ଦିନକୁ ଦିନ ଦୁର୍ବିଶହ ହେବାରେ ଲାଗିଛି । ଫଳସ୍ୱରୂପ, ମଣିଷର "ବାକ୍ ସ୍ୱାଧୀନତା" ପ୍ରତିଟି କ୍ଷେତ୍ରରେ ବିଷମ ସଙ୍କଟ କାରଣ ରୁପେ ଉଭା ହୋଇଛି । କିଏ କାହାକୁ କିପରି ଢଙ୍ଗରେ ଚିତ୍ରଣ କରୁଛି ତା'ର ହିସାବ ନାହିଁ ଏପରିକି ପରିବାରରେ ଆତ୍ମୀୟଙ୍କ କଥାକଟାକଟି ଅଶାନ୍ତିକର ବାତାବରଣ ସୃଷ୍ଟି କରୁଛି । ମଣିଷର ଜିଦ୍ ଖୋର ମନୋବୃତ୍ତି ଓ ହିଂସାତ୍ମକ ଆଚରଣ ଦେଶ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରୁଛି, ଯାହା ମଣିଷ ସମାଜ ତିଷ୍ଠି ରହିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେତେବେଳେ ଇଂରେଜ ମାନଙ୍କ ପରାକ୍ରମକୁ ଗାନ୍ଧୀ ଅହିଂସା ଅସ୍ତ୍ରରେ ଦମନ କରି ଦେଶକୁ ପରାଧୀନରୁ ମୁକ୍ତ କରିଥିଲେ । ଦୟା, କ୍ଷମା, ସହନଶୀଳତା ଓ ତ୍ୟାଗର ଏକ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଗାନ୍ଧିଜୀ । ତାଙ୍କର କର୍ମ, ଧର୍ମ ଓ ନମ୍ର ଆଚରଣ ଓ ନିସ୍ୱାର୍ଥପର ଭାବନା ତାଙ୍କୁ ମହାତ୍ମା ଆସନରେ ଅଳଙ୍କୃତ କରିଛି । ସେତେବେଳେ ଯେକୌଣସି ଜଟିଳ ସମସ୍ୟା ସମାଧାନ ପାଇଁ ଗାନ୍ଧୀ ବିଚାର ଲୋଡା ପଡେ, ସମସ୍ୟା ଯେତେ ବଡ ହେଉପଛେ, ଉତ୍କୃଷ୍ଟ ସମାଧାନ ବାଟ ବାହାର କରିବାରେ ଫଳପ୍ରଦ ହୋଇଥାଏ। ମାନବବାଦୀ ମଣିଷ ମନରେ ଶାନ୍ତି ବିରାଜମାନ ପାଇଁ ଯିଏ ସଦାସର୍ବଦା ମାର୍ଗ ଦର୍ଶକ ଥିଲେ, ସେଭଳି ଜଣେ ବିରଳ ବ୍ୟକ୍ତିତ୍ୱ ହେଇଛନ୍ତି ଆମ ଜାତିର ପିତା ମହାତ୍ମା ଗାନ୍ଧୀ । ତାଙ୍କ ମତରେ "ସେବା ହିଁ ପରମ ଧର୍ମ" ଅର୍ଥାତ୍ "ମାନବ ସେବା ହିଁ ମାଧବ ସେବା", ଯାହା ମଣିଷ ଆତ୍ମ ତୃପ୍ତି ଦିଏ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଗାନ୍ଧିଜୀ ଜଣେ ନୀତିନିଷ୍ଠ, ଆତ୍ମ ସଂଯମୀ, ନିର୍ଭୀକ, ଦୃଢ଼ମନା, ସହିଷ୍ଣୁ, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ, ପ୍ରଗାଢ ଆଧ୍ୟାତ୍ମିବାଦୀ ଓ ପ୍ରଭାବଶାଳୀ ପୁରୁଷ ଥିଲେ। ଯେଉଁଥିପାଇଁ ଲୋକ ତାଙ୍କ ସୁଖ ସ୍ୱାଚ୍ଛନ୍ଦ ଜୀବନ କୁ ଜଳାଞ୍ଜଳି ଦେଇ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଯୋଗ ଦେଇ ଇଂରେଜ ମାନଙ୍କ ସହିତ ଲଢିଥିଲେ । ଗାନ୍ଧୀ ଦର୍ଶନ ର ଆଉ ମୂଳଏକ ତତ୍ତ୍ୱ ହେଲା "ସତ୍ୟ ହିଁ ଈଶ୍ୱର, ଶ୍ରମ ହିଁ ଉପାସନା" ଯାହା ଜୀବନ କୁ ଶୃଙ୍ଖଳିତ ଓ ପରିମାର୍ଜିତ କରି ଆଗକୁ ବଢିବାକୁ ପ୍ରବର୍ତ୍ତାଇଥାଏ। ଗାନ୍ଧୀ ବିଚାର ଧାରାର ଗ୍ରାମ୍ୟ ସ୍ୱରାଜ୍ୟ, ସ୍ୱଦେଶୀ ଜିନିଷ ବ୍ୟବହାର, କୃଷି, ସାମୁଦ୍ରିକ ଉତ୍ସ, ପ୍ରାକୃତିକ ସମ୍ପଦ, କୁଟୀରଶିଳ୍ପ ର ବିକାଶ, ଆଦି ତ୍ୱରାନ୍ୱିତ ହେଲେ ଦେଶର ଅର୍ଥନୀତି ଆହୁରି ମଜଭୁତ ହେବା ସହିତ ବୈଦେଶିକ ମୁଦ୍ରାରେ ଭାରତୀୟ ମୁଦ୍ରା "ଟଙ୍କା" ଆଧିପତ୍ୟ ବିସ୍ତାର କରିବାରେ ସାହସ ଜୁଟାଇବା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଆସନ୍ତୁ ଗାନ୍ଧିଜୀଙ୍କ ପବିତ୍ର ଜନ୍ମ ଦିବସରେ ସେହି ମହାନ ବ୍ୟକ୍ତିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ ଘଟି ଚାଲିଥିବା ବିଭିନ୍ନ ଅସଙ୍ଗତିକୁ ଦୂର କରିବା ପାଇଁ "ମାନସିକ ସ୍ୱଚ୍ଛତା" ଆଣିବା ପାଇଁ ବଜ୍ର ଶପଥ ଗ୍ରହଣ କରିବା। ସୁତରାଂ ବୌଦ୍ଧିକ ଚେତନା, ଆଧ୍ୟାତ୍ମିକ ଭାବନା ଓ ସ୍ୱଚ୍ଛ ମାନସିକତା ହିଁ ଆଣିପାରିବ ଗାନ୍ଧୀ ଦର୍ଶନତତ୍ତ୍ୱର ପ୍ରକୃତ ଆଭିମୁଖ୍ୟ, ଯାହା ଦେଶରେ ରାମରାଜ୍ୟ ପ୍ରତିଷ୍ଠା କରିବାରେ ବିଶେଷ ସହାୟକ ହେବ।

## ଶାନ୍ତିର ଉପାସକ ଲାଲ୍‌ବାହାଦୂର ଶାସ୍ତ୍ରୀ



ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଇତିହାସ ପୃଷ୍ଠାରେ ଏପରି କେତେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜାତିର ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି । ଏଇ ମାନବୀୟ ମୂଲ୍ୟବୋଧକୁ ଜୀବନରେ ମହାମନ୍ତ୍ର କରି କାର୍ଯ୍ୟ କରିପାରିଥିବା ମଣିଷ ହିଁ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି । । ସେହିଭଳି ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ଶାନ୍ତିର ଶ୍ରେଷ୍ଠ ଉପାସକ, "ଜୟ ଯବାନ-ଜୟ କିଷାନ" ସ୍ଲୋଗାନର ପ୍ରବକ୍ତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ । ସରଳ ଓ ନିରାଡମ୍ବର ଜୀବନ ଥିଲା ତାଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ । ସେଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ନିଜର ବାସସ୍ଥଳୀ ବ୍ୟତୀତ ଅନ୍ୟ କେଉଁଠାରେ ତାଙ୍କର ଗୁଣ୍ଠେ ମଧ୍ୟ ଜମି ନ ଥିଲା ବା ବ୍ୟାଙ୍କରେ ଟଙ୍କାଟିଏ ନ ଥିଲା।

ଅକ୍ଟୋବର ଦୁଇ ତାରିଖ ହେଉଛି ଆମ ଦେଶ ପାଇଁ ଏକ ଚିରସ୍ମରଣୀୟ ଦିବସ । ସେହିଦିନ ସତ୍ୟ ଓ ଅହିଂସାର ପୂଜାରୀ, ମହାମାନବ ମହାତ୍ମା ଗାନ୍ଧି ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମଦିବସରେ ତାଙ୍କର ସମସ୍ତ ଗୁଣକୁ ଧାରଣ କରି ଲାଲବାହାଦୂର ଶାସ୍ତ୍ରୀ ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ପବିତ୍ର ଗଙ୍ଗାନଦୀ କୂଳରେ ଉତ୍ତରପ୍ରଦେଶର ମୋଗଲ ସରାଇ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସାରଦା ପ୍ରସାଦ ଶ୍ରୀବାସ୍ତବ ଓ ମାତାଙ୍କ ନାମ ରାମଦୁଲାରୀ ଦେବୀ। ତୁଳସୀ ଦୁଇ ପତ୍ରରୁ ବାସିଲାପରି ବାଲ୍ୟକାଳରୁ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସେ । ପରିବାରର ଆର୍ଥିକ ସ୍ଥିତି ଓ ପିତୃ ବିୟୋଗ ତାଙ୍କର ଭବିଷ୍ୟତ ଗଢିବାରେ ପ୍ରତିବନ୍ଧକ ସାଜିନଥିଲା । ଏହି ଦୁର୍ଦ୍ଦିନରେ ମାତା ରାମଦୁଲାରୀ ପୁଅକୁ ମଣିଷ ପରି ମଣିଷଟିଏ ଗଢିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ । ଦୃଢଇଚ୍ଛାଶକ୍ତି ଓ ଅଦମ୍ୟ ସାହସ ବଳରେ ଲାଲବାହାଦୁର କାଶୀ ବିଦ୍ୟାପୀଠରୁ ସଂସ୍କୃତ ପଢି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ତାଙ୍କୁ ଶାସ୍ତ୍ରୀ ଉପାଧି ମିଳିଥିଲା । ସେହିଦିନଠାରୁ ଶ୍ରୀବାସ୍ତବ ପରିବର୍ତ୍ତେ ଶାସ୍ତ୍ରୀ ସାଙ୍ଗିଆରେ ପରିଚିତ ହେଲେ ସେ । ୧୯୨୧ ମସିହାର କଥା। ସେତେବେଳକୁ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନର ଡାକରା ସାରା ଭାରତବର୍ଷରେ ନୂତନ ଆଲୋଡନ ସୃଷ୍ଟି କରିଥାଏ । ଲୋକମାନ୍ୟ ତିଲକଙ୍କର ଗୋଟିଏ କଥା - "ସ୍ୱରାଜ ମୋର ଜନ୍ମଗତ ଅଧିକାର" ତାଙ୍କ ହୃଦୟକୁ ବେଶ୍ ପ୍ରଭାବିତ କରିଥିଲା । ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଲାଲବାହାଦୂର ଗିରଫ ହୋଇଥିଲେ । ଏହାପରେ ପାଠପଢାରେ ତାଙ୍କର ଡୋରି ବନ୍ଧାହେଲା । ଏଥିସହିତ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଲାଲବାହାଦୂର ସର୍ବଦା ନିଜ କର୍ମ ଉପରେ ବିଶ୍ୱାସ କରିଥିଲେ । ନିଷ୍କାମ ସାଧନା ଯେ ମନୁଷ୍ୟକୁ ସଫଳତାର ଶିଖରରେ ପହଞ୍ଚାଇପାରେ ତାହା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ସେଥିପାଇଁ ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ବହୁ ବଡବଡ ପଦବୀରେ ଅଧିଷ୍ଠିତ ହୋଇଥିଲେ । ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ଲାଲବାହାଦୂର ଉତ୍ତରପ୍ରଦେଶର ନୂତନ ସରକାରରେ ମନ୍ତ୍ରୀପଦ ଗ୍ରହଣ କରିବା ସହିତ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭଳି ଗୁରୁଦାୟିତ୍ୱକୁ ସଫଳତାର ସହ ତୁଲାଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୬ ମସିହାରେ କେନ୍ଦ୍ରରେ ରେଳମନ୍ତ୍ରୀ ଭାବେ ଯୋଗଦେଲେ ସେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କରି ମନ୍ତ୍ରୀତ୍ୱ କାଳରେ ତାମିଲନାଡୁର ଆରୟାଲୁର ଠାରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୫୦ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ । ଏଥିରେ ମର୍ମାହତ ହୋଇ ଶାସ୍ତ୍ରୀଜୀ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ପଣ୍ଡିତ ନେହେରୁ ତାଙ୍କୁ ଇସ୍ତଫା ପତ୍ର ଫେରାଇ ନେବାକୁ ଅନୁରୋଧ କରିଥିଲେ । ମାତ୍ର ବ୍ୟଥାଭରା କଣ୍ଠରେ ସେ କହିଥିଲେ - "ପଣ୍ଡିତଜୀ ସେ ଦୁର୍ଘଟଣାର କରୁଣଦୃଶ୍ୟ ମୁଁ କେବେ ଭୁଲିପାରିବି ନାହିଁ । ମୋ ବିଭାଗର ଦୁର୍ଘଟଣା ପାଇଁ ମୁଁ ପରୋକ୍ଷରେ ଦାୟୀ ନୁହେଁ କି ? ତେଣୁ, ମନ୍ତ୍ରୀମଣ୍ଡଳରେ ରହି ଲୋକଙ୍କର ବିଶ୍ୱାସଭାଜନ ହେବା ମୋର ଆଉ ନୈତିକ ଅଧିକାର ନାହିଁ" ତାଙ୍କର ନୂତନ ଆଦର୍ଶ ଦେଖି ପଣ୍ଡିତ ନେହେରୁ ମଧ୍ୟ ଚକିତ ହୋଇଯାଇଥିଲେ । ଏଭଳି ଚରମ ତ୍ୟାଗର ଉଦାହରଣ ପୃଥିବୀ ଇତିହାସରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରିୟ ଶିଷ୍ୟ, ନବ ଭାରତର ନିର୍ମାତା, ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୯୬୪ ମସିହା ସେ ମାସ ୨୭ ତାରିଖରେ ମୃତ୍ୟୁ ହେଲା । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କିମାରିଲା ତାଙ୍କ ପରେ ଏ ଦେଶର ପ୍ରଧାନମନ୍ତ୍ରୀ କିଏ ହେବ ? ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଲା । ୧୯୬୪ ମସିହା ଜୁଲାଇ ୮ ତାରିଖ ଦିନ ଶାସ୍ତ୍ରୀଜୀ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲେ । ପ୍ରଧାନମନ୍ତ୍ରୀ ହେବାପରେ ଭାରତରୁ ଖାଦ୍ୟ ସମସ୍ୟା ଦୂର କରିବା ଓ ଦରିଦ୍ରଲୋକଙ୍କୁ ବାସଗୃହ ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଲୋକମାନେ ଯେପରି ଦୁଇଓଳି ଶାନ୍ତିରେ ଓ ଆନନ୍ଦରେ ପେଟପୁରା ଖାଇବାକୁ ପାଇବେ ସେଥିପାଇଁ ସେ ଅଗ୍ରାଧିକାର ଦେଇଥିଲେ । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦେଶ ପ୍ରତ୍ୟେକଟି କ୍ଷେତ୍ରରେ ପ୍ରଗତି ପଥରେ ଆଗେଇଥିଲା । ଆମ ଦେଶର ପ୍ରଗତିରେ ଈର୍ଷାନ୍ୱିତ ହୋଇ ପାକିସ୍ତାନ ୧୯୬୫ ମସିହାରେ ଆମ ଦେଶକୁ ଆକ୍ରମଣ କଲା । ମାତ୍ର ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ବିଚଳିତ ହେଲେନାହିଁ । ତାଙ୍କ ପିଞ୍ଜରା ମଧ୍ୟରେ ଶତସିଂହର ବଳ ଆତ୍ମପ୍ରକାଶ କଲା । ଆମ ଦେଶକୁ ରକ୍ଷା କରିବା ପାଇଁ ସେ ବଜ୍ର ନିର୍ଘୋଷ କଣ୍ଠରେ ଆହ୍ୱାନ ଦେଇ କହିଲେ - "ଗୁଳିର ଜବାବ ଆମେ ଗୁଳିରେ ଦେବା" । ଶେଷରେ ରୁଷିଆର ପ୍ରଧାନମନ୍ତ୍ରୀ କୋସିଜିନ ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ତାସ୍‌କେଣ୍ଟକୁ ଆମନ୍ତ୍ରଣ କଲେ । ୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ ଲାଲବାହାଦୂର ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ୍ ଖାଁ ତାସ୍‌କେଣ୍ଟ ଠାରେ ମିଳିତ ହେଲେ । ଏଇ ଅବସରରେ ଶାସ୍ତ୍ରୀଜୀ କହିଥିଲେ "ମୁଁ କେବଳ ଭାରତ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଚାହୁଁନାହିଁ, ମୁଁ ଚାହେଁ ସାରା ପୃଥିବୀର ଲୋକମାନେ ଶାନ୍ତିରେ ରୁହନ୍ତୁ ।" ତାସ୍‌କେଣ୍ଟ ଠାରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେଲା । ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହେଲା । ମାତ୍ର ଶାନ୍ତିଦୂତ ଆଉ ଫେରିଆସିଲେ ନାହିଁ । ୧୯୬୬ ମସିହା ଜାନୁଆରୀ ୧୧ ତାରିଖରେ ଚିରଦିନ ପାଇଁ ଶୋଇଗଲେ ସେ । ଶାନ୍ତିବନରେ ସବୁଦିନ ପାଇଁ ତାଙ୍କ ମରଶରୀର ଚିତାରେ ଭସ୍ମ ହୋଇଗଲା। ଏହିପରି ଭାବେ ମାନବିକ ମୂଲ୍ୟବୋଧର ପ୍ରତୀକ, ଭାରତମାତାର ସୁଯୋଗ୍ୟ ସନ୍ତାନଙ୍କ ଜୀବନର ଅବସାନ ଘଟିଲା । ପ୍ରଧାନମନ୍ତ୍ରୀ ଭାବରେ ୧୮ମାସର ଶାସନ କାଳ ମଧ୍ୟରେ ସେ ଯେଉଁ ପଦାଙ୍କ ଛାଡି ଯାଇଛନ୍ତି ତାହା ଏବେବି ଅନ୍ୟ ମାନଙ୍କପାଇଁ ଉଦାହରଣୀୟ ହୋଇ ରହିଛି। ସତରେ ସେ ଥିଲେ ଜଣେ ନିଆରା ପ୍ରଧାନମନ୍ତ୍ରୀ ।

## ଗାନ୍ଧୀଙ୍କ ଦୃଷ୍ଟିରେ ନାରୀ



ପ୍ରଭୁକଲ୍ୟାଣ ମହାପାତ୍ର
ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର
ଫୋନ୍ :୯୯୩୭୭୧୧୩୮୯
ଭୁବନେଶ୍ୱର

ମହାତ୍ମା ଗାନ୍ଧୀ ନାରୀମାନଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ଆମ ସମାଜ ସେମାନଙ୍କୁ ସମୁଚିତ ମର୍ଯ୍ୟାଦା ପ୍ରଦର୍ଶନ କରୁ ବୋଲି ମଧ୍ୟ ଚାହୁଁଥିଲେ। ପରିବାର ଠାରୁ ଆରମ୍ଭକରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ନାରୀମାନଙ୍କ ଭାଗିଦାରିତା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ। ଗାନ୍ଧିଜୀ ନାରୀମାନଙ୍କ ହାତରେ ସୁଦର୍ଶନ ଚକ୍ର ସଦୃଶ 'ଅରଟ' ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁଳି ବାଟ ଦେଖାଇଛନ୍ତି ଏବଂ ଦେଶ କାମରେ ସାମିଲ କରି ନାରୀ କର୍ମଶକ୍ତିର ଜାଗୃତି ଆଣିଛନ୍ତି, ତାହା ଅନ୍ୟତ୍ର ପରିଲକ୍ଷିତ ହୁଏ ନାହିଁ। ଗାନ୍ଧିଜୀଙ୍କ ନେତୃତ୍ୱରେ ଆମ ଦେଶରେ ବ୍ରିଟିଶ୍ ସରକାର ବିରୁଦ୍ଧରେ ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା। ତା'ପୂର୍ବରୁ ଆମ ସମାଜରେ ଝିଅମାନେ ରନ୍ଧାବଢ଼ା କରି କେବଳ ଘର କାମରେ ସମୟ ବିତାଉଥିଲେ। ନାରୀର କାମ ଥିଲା କେବଳ ଘରକରଣା। ଦେଶ କଥା ଚିନ୍ତା କିମ୍ବା ଦେଶ କାମରେ ସାମିଲ ହେବା ସେମାନଙ୍କ ପାଇଁ ସ୍ୱପ୍ନ ଥିଲା। କିନ୍ତୁ ସେତେବେଳେ ମହାତ୍ମାଗାନ୍ଧୀ କହିଲେ, ଅସହଯୋଗ ଯୁଦ୍ଧରେ ଉଭୟ ନାରୀ ଓ ପୁରୁଷ ସମାନ ଭାବରେ କାମ କରିବେ। ଦେଶର ସ୍ୱାଧୀନତା ସମର, ରାଜନୀତି ଚର୍ଚ୍ଚା, ଶାସନ କାର୍ଯ୍ୟ ଆଦି ପ୍ରତ୍ୟେକ କ୍ଷେତ୍ରରେ ନାରୀ ଏବଂ ପୁରୁଷ ଦୁହିଁଙ୍କର ସମାନ ଅଧିକାର ଅଛି। ମା'ଭଉଣୀମାନେ ଦେଶ କାମରେ ଯୋଗଦେଇ ନିଜର ଦାବି ହାସଲ କରନ୍ତୁ। ତାଙ୍କର ଏହି ଆବେଗଭରା ଡାକରାରେ ଦେଶର ହଜାର ହଜାର ନାରୀ ଘରକୋଣରୁ ବାହାରି ଆସି ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ। ପରିବାରର କୁନିକୁନି ପିଲାମାନଙ୍କ ଲାଳନପାଳନ ଦାୟିତ୍ୱ ନିଜେ ବହନ କରି ସ୍ୱାମୀ ଓ ଅନ୍ୟ ପୁରୁଷ ସଦସ୍ୟମାନଙ୍କୁ ଗାନ୍ଧିଜୀଙ୍କ ସତ୍ୟାଗ୍ରହରେ ସାମିଲ ହେବା ପାଇଁ ପଠାଇ ଦେଇଥିଲେ। ଏପରିକି ଶହ ଶହ ନାରୀ ଗାନ୍ଧୀଙ୍କ ନାମ ଉଚ୍ଚାରଣ କରି ଜେଲ୍‌ରେ ଭର୍ତ୍ତି ହୋଇଥିଲେ। ସମାଜରେ ନାରୀର ସ୍ଥାନ ସମ୍ପର୍କରେ ଗାନ୍ଧିଜୀ ବିଭିନ୍ନ ପ୍ରସଙ୍ଗରେ ଅନେକ ପ୍ରକାରର ମତ ପ୍ରଦାନ କରିଛନ୍ତି। ହିନ୍ଦୁ ନାରୀ ଉପରେ ସ୍ୱାମୀର ଅମାନବୀୟ ଅତ୍ୟାଚାର ପ୍ରସଙ୍ଗରେ ସେ ଦର୍ଶାଇଛନ୍ତି, ସ୍ତ୍ରୀ ହେଉଛି ଗୃହଲକ୍ଷ୍ମୀ। ସେ ରାଣୀ କିମ୍ବା ଦାସୀ ନୁହେଁ। ସ୍ତ୍ରୀ ସ୍ୱାମୀର ଅତ୍ୟଧିକ ବଶ୍ୟତା ସ୍ୱୀକାର କରିବା ଏବଂ ସ୍ୱାମୀ ଦେହରେ ପୂର୍ଣ୍ଣ ଲୀନ ହେବା ହେଉଛି ହିନ୍ଦୁ କୃଷ୍ଟିର ପ୍ରମାଦ। ପରିଣାମରେ ସ୍ୱାମୀ ସମୟ ସମୟରେ ପଶୁ ଭଳି ତା'ର କର୍ତ୍ତୃତ୍ୱ ପ୍ରୟୋଗ କରେ। ତେବେ ଆଇନ୍ ମାଧ୍ୟମରେ ନୁହେଁ ବରଂ ଖୋଦ୍ ନାରୀ ନିଜେ ହିଁ ଏହି ସମସ୍ୟାର ପ୍ରତିକାର କରିବା ସମ୍ଭବ। ନାରୀ ତା'ର ଆଇନ୍‌ଗତ ବନ୍ଧନକୁ ଛିନ୍ନ ନକରି ମଧ୍ୟ ସ୍ୱାମୀଠାରୁ ପୃଥକ୍ ରହି ଆଦୌ ବିବାହ କରିନଥିବା ଭଳି ନିଜକୁ ଜ୍ଞାନ କରି ପାରିବ। ଅନ୍ୟ ପକ୍ଷରେ ସମାଜ ସେବାରେ ନିୟୋଜିତ ହୋଇ ସ୍ୱାମୀର ଶଯ୍ୟାଭାଗିନୀ ନ ହେବାର କ୍ଷତିପୂରଣ ଠାରୁ ଅଧିକ ହେଲା ବୋଲି ବିଚାରି ପାରିବ। ସେହିପରି ବିବାହିତ ଜୀବନକୁ ଏକ ଶୃଙ୍ଖଳା ଓ ଆଚାରପୂର୍ଣ୍ଣ ଜୀବନ ବୋଲି ଉଲ୍ଲେଖ କରି ସେ ଜଣାଇଛନ୍ତି, ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମତପାର୍ଥକ୍ୟ ଉପୁଜିଲେ - ସ୍ତ୍ରୀ ଯଦି ବିଚାରେ, ସେ ସଠିକ୍ ମାର୍ଗରେ ଅଛି, ତେବେ ସେ ମୀରା ବାଈଙ୍କ ପନ୍ଥା ଆପଣେଇ ନେବା ଉଚିତ। ଅନ୍ୟାନ୍ୟ ପ୍ରସଙ୍ଗରେ ବାପୁ କହିଛନ୍ତି, ଆଇନ୍‌ର ଆଶ୍ରୟ କିମ୍ବା ସମାଜର ପରିହାସକୁ ଭ୍ରୂକ୍ଷେପ ନକରି ସାହସିକ ପଦକ୍ଷେପ ଗ୍ରହଣ ନିମନ୍ତେ ନାରୀର ଚରିତ୍ର ଅନ୍ୟତ୍ର ମଜଭୂତ ହେବା ଦରକାର। ନାରୀ ହେଉଛି ତ୍ୟାଗ ଓ ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ। ନାରୀର ସମ୍ପତ୍ତି ହେଉଛି ତା'ର ଚରିତ୍ର, ନୈତିକତା ଓ ଶିକ୍ଷା । ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ଅତିରିକ୍ତ ଇନ୍ଦ୍ରିୟ ଲାଳସାହିଁ ନାରୀକୁ ଆଜି ପୁରୁଷର ଦାସୀ କରି ଗଢ଼ି ତୋଳିଛି । ନାରୀ ପୁରୁଷକୁ ବଶ କରିବା ପାଇଁ ତା'ର ସମସ୍ତ ସୂକ୍ଷ୍ମ ଉପାୟ ଅଜ୍ଞାତରେ ଅବଲମ୍ବନ କରେ। ଅନ୍ୟପକ୍ଷରେ ପୁରୁଷ ମଧ୍ୟ ନାରୀକୁ ତା'ର ଆୟତ୍ତାଧୀନ କରିବା ଲାଗି ଯତ୍‌ପରୋନାସ୍ତି ଉଦ୍ୟମ ଚଳାଇଥାଏ। ତେଣୁ ନାରୀ ନିରାଡମ୍ବର ତଥା ସାଜସଜାବିହୀନ ଜୀବନ ବିତାଇବା ସହିତ ନିଜକୁ ପୁରୁଷର ଲାଳସାର ସମଗ୍ରୀ ବୋଲି ବିବେଚନା କରିବା ଉଚିତ ନୁହେଁ। ଆଧୁନିକା ସୁସଜ୍ଜିତା ବାଳିକାମାନଙ୍କୁ ଲକ୍ଷ୍ୟ କରି ଗାନ୍ଧିଜୀ ଥରେ କହିଥିଲେ, ଗୋଟିଏ ଭୟ ମୋ ଭିତରେ ଅଛି ଯେ, ଆଧୁନିକା ବାଳିକାମାନେ ଅଧ ଡର୍ଜନ ଖଣ୍ଡେ 'କେଦାର'ଙ୍କର 'ଗୌରୀ' ହେବାକୁ ସୁଖ ପାଆନ୍ତି। ସେମାନ ପୋଷାକ ପିନ୍ଧନ୍ତି ପାଣି, ପବନ, ଖରା ଓ ଧାସରୁ ଆପଣାକୁ ବଞ୍ଚେଇବା ପାଇଁ ନୁହେଁ, ବରଂ ଅନ୍ୟର ଦୃଷ୍ଟିକୁ ଆକର୍ଷଣ କରିବା ନିମନ୍ତେ ତା'ର ବେଶ ପ୍ରସାଧନ ଉଦ୍ଦିଷ୍ଟ। ସେଥିଲାଗି ସେ ନିଜକୁ ରଞ୍ଜିତ କରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅଧିକ ମନୋରମ କରିବା ପାଇଁ। ଅନ୍ୟ ଏକ ପ୍ରସଙ୍ଗରେ ବାପୁ କହିଛନ୍ତି, "ଅନେକ ନାରୀର ପତନ ପାଇଁ ପୁରୁଷଙ୍କୁ ଦୋଷ ଦେଇଥାଆନ୍ତି। କିନ୍ତୁ ନାରୀ ଠିକ୍ ଥିଲେ, ପୁରୁଷ ନାରୀକୁ ଭୁଲାଇ ପାରିବ ନାହିଁ। ନାରୀର ଇଚ୍ଛା ବିରୁଦ୍ଧରେ ବଳାତ୍କାର କରିବା ପୁରୁଷ ପକ୍ଷରେ ଅସମ୍ଭବ। ନାରୀ ଯେତେବେଳେ ଭ୍ରମରେ ବଶବର୍ତ୍ତୀ ହୋଇଯାଏ କିମ୍ବା ତା'ର ନୈତିକ ବଳ କଳନା କରିପାରେ ନାହିଁ, ସେତେବେଳେ ବଳାତ୍କାର ସମ୍ଭବ ହୁଏ।" ସେଥିପାଇଁ ବର୍ତ୍ତମାନର ଯୁଗରେ ନାରୀ ତା'ର ନୈତିକ ବଳ ଉପରେ ଠିଆ ହେବାର ସମୟ ଉପଗତ ହୋଇଛି। ଯିଏ ନିଜର ନୈତିକ ବଳ ଓ ଭଗବତ ବଳ ଉପରେ ଛିଡ଼ା ହୋଇପାରିବ, ସିଏ ହେଉଛି ପ୍ରକୃତରେ ଗାନ୍ଧୀ କଳ୍ପିତ ନାରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ମାଆ ପାଇଁ ମୁଠେ ଗୀତ

ଦେବାଶିଷ ଚକ୍ରବର୍ତ୍ତୀ

ତୁଲ୍ୟ
ଏକାଠି ହୋଇଲେ ଗଙ୍ଗା, ଗୋଦାବରୀ
ସିନ୍ଧୁ, ବ୍ରହ୍ମପୁତ୍ର, କୃଷ୍ଣା, କାବେରୀ
ମାଆର କାଣିଚେ ମମତା ଠାରୁ କି
ସତରେ ସେମାନେ ପାରିବେ ବଳି ?



ପଣତ
ଭକତି ଭାବନା ଭରିବାକୁ ସିନା
ମନ୍ଦିର ଚୂଡ଼ାରେ ଉଡୁଛି ନେତ
ବିଚାର କରିଲେ ପବିତ୍ର ତା' ଠାରୁ
ନୁହଁଇ କି ମୋ ମାଆର ପଣତ ?



କାଉଁରୀ
ଦେଖିବାକୁ ଗଲେ ଦୁନିଆ ଭିତରେ
ମାଆର ସିନିହ କାଉଁରୀ ପରି
ପରଶ ମାତ୍ରେ ଯେ ମଣିଷ ମନରୁ
ସକଳ ବେଦନା ନିଅଇ ହରି।

ଜୋଛନା
ଆକାଶ ଛାତିକୁ ଭିଜାଉଛି ସିନା
ଜହ୍ନ ସୁଶୀତଳ ଜୋଛନା ଢାଳି
ହେଲେ ସେ ସତରେ ହୋଇକି ପାରିବ
ମାଆର ପଦିଏ ବଚନ ସରି ?

ବଖାଣ
ଦ୍ରୁମ ମାନେ ସବୁ କଲମ ସାଜିବେ
ସପତ ସାଗର ହୋଇବ କାଳି
ତଥାପି କିଏ ସେ ପାରିବ ସତରେ
ଗୁଣକୁ ତାହର ବଖାଣ କରି ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ : ୯୪୩୭୭୫୨୩୯୫

## ହେ ଜଗନ୍ନାଥ କହି ଦିଅ ଥରେ !!!

ସାରଦା ପ୍ରସାଦ ଆଚାର୍ଯ୍ୟ



କହି ଦିଅ ଥରେ ,
ହେ ଜଗନ୍ନାଥ, ହେ ଚକାନୟନ, ହେ ନୀଳମାଧବ ତୁମେ କାହାର, ତୁମେ କାହାର...... !

ଦାସିଆ ବାଉରୀ ନଡ଼ିଆ ଖାଇଲ
ଦାସିଆ କହିଲା ଦେଖ ଦେଖ, ଜଗନ୍ନାଥ ଏକା ମୋର ,ଏକା ମୋର
କୁହ ଥରେ ଜଗନ୍ନାଥ ତୁମେ କାହାର, ତୁମେ କାହାର...

ସ୍ନାନ ମଣ୍ଡପ ରେ ଗଣେଶ ରୂପରେ ଦର୍ଶନ ଦେଲ,
ଗଣପତି ଭକ୍ତ କହିଲା ହେ ଚକାନୟନ ତୁମେ ମୋର ,ତୁମେ ମୋର ,
କୁହ ଥରେ ଜଗନ୍ନାଥ, ତୁମେ କାହାର, ତୁମେ...



ମହାପ୍ରସାଦକୁ ଏଡ଼େଇ ଦେଲ,
କରମା ବାଈର ଖେଚୁଡ଼ିରେ ମନ
କରମା କହିଲା ହେ ନୀଳମାଧବ ତୁମେ ମୋର, ତୁମେ ମୋର
କୁହ ଥରେ ଜଗନ୍ନାଥ ତୁମେ କାହାର, ତୁମେ କାହାର...
ବନ୍ଧୁ ମହାନ୍ତିର ବନ୍ଧୁ ସାଜିଲ,
ବନ୍ଧୁ ଭାବେ ତାକୁ ବାନ୍ଧି ରଖିଲ ,
ତଳିଛ ମହାମାତ୍ରର ମାନ ବଢାଇଲ,
ନୀଳାମ୍ବର ଦାସକୁ ଜୀବନ ଦେଲ।

ଜୟଦେବ ପାଇଁ ଶବ୍ଦ ଯୋଡିଲ,
ଜଗନ୍ନାଥ ଦାସ ପାଇଁ ଭାଗବତ ଲେଖିଲ,
ବଳରାମ ଦାସ ରଥେ ବସିଲ,
ସାଲବେଗ ପାଇଁ ରଥ ରଖିଲ।

ତେବେ ତୁମେ କୁହ ଥରେ ହେ ଜଗନ୍ନାଥ, ତୁମେ କାହାର, ତୁମେ କାହାର....... !
ହେ ଭକତ ବନ୍ଧୁ, ଜଗତ ଠାକୁର
ଭକତ ଭକ୍ତିରେ, ତୁମେ ତାହାର, ତୁମେ ତାହାର......... !
ହେ ଜଗନ୍ନାଥ ତୁମେ ନିଶ୍ଚେ ଭକତର, ତୁମେ ନିଶ୍ଚେ ଭକତର......... !
ଭକତ ବନ୍ଧୁ ହେ ଜଗନ୍ନାଥ, ହେ ଚକାନୟନ, ହେ ନୀଳମାଧବ ତୁମେ ମୋର, ତୁମେ ମୋର

ଯୋଡ଼ା -କେନ୍ଦୁଝର
ମୋ-୮୬୩୭୨୧୩୮୨୫

## ଏବେବି ପରାଧୀନତା ଅଣଦେଖା

ଅନସୂୟା ପଣ୍ଡା



ଏବେବି କିଛି ପରାଧୀନତାକୁ
ବିବଶ ଧାଡିରେ ଠିଆ କରିଦେଇଛେ
ଏଇ ଯେମିତି ହିତାହିତଜ୍ଞାନ ଭୁଲି
କାହାର ହାତକୁ ବାନ୍ଧି ଦିଆଯାଇଛି
ପ୍ରତିପତ୍ତିର ଅସଂଯମତା କଡିରେ
କାହାର ପାଟି ବାନ୍ଧି ଦିଆଯାଇଛି ପଇସାରେ
କାହାକୁ ରବର ଷ୍ଟାମ୍ପଟିଏରେ
ଆବଦ୍ଧ କରି ରଖାଯାଇଛି ସୀମା ଭିତରେ।

ଏବେବି ପରାଧୀନତାକୁ ଲୁଚାଯାଉଛି
ମିଛର ପ୍ରଚ୍ଛଦରେ ବାହାଦୁରୀ ମାରି
ପରିସ୍ଥିତିର ଭୂଗୋଳକୁ ଦର୍ଶାଯାଉଛି
ସପକ୍ଷର ପାତ୍ରରେ ସୁହାଇବା ଭଳି
କେତେ ତାଳ ପଙ୍କ କେତେ ତାଳ ପାଣି
ହିସାବ ହେଉଛି ଅନ୍ୟର ଇଙ୍ଗିତରେ।

ଏବେବି ପରାଧୀନତା ଗୁମୁରୁଛି
ନିଅନ୍ ଆଲୁଅରେ ଉଜ୍ଜ୍ୱଳି ଉଠୁଥିବା ଅନ୍ଧାରେ
ଦାଦନର ଇଟାଭାଟିରେ ସୂତାମିଲ୍ ଭିତରେ
ଅବିବେକି ମଣିଷର ସ୍ୱାର୍ଥର ମହାଯଜ୍ଞରେ।



ଏବେବି ପରାଧୀନତା ଅଣଦେଖା
ଜାବୁଡି ଧରିଛି ସତ୍ୟର ଜଡକୁ
ଅଦେଖା ଅନେକ କାହାଣୀ ଭିତରେ
ଜୀବନ ସଂଗ୍ରାମରତ ବନ୍ଧନରେ
ଟିକିଏ ଟିକିଏ ମୁକ୍ତିର ଅପେକ୍ଷାରେ।

ଭୁବନେଶ୍ୱର
ମୋ-୯୪୩୯୨୧୧୯୭୧

## ଦୁଇ ଦିନ ଏ ମଣିଷ ଜୀବନ

ଅନନ୍ତ କୁମାର

ରୂପ ଯୌବନ ଦୁଇ ଦିନିଆ
ଆଜି ଅଛି କାଲି ନାହିଁ
ମିଛେ କାହିଁକି ଗର୍ବ କରୁଛ
ମଣିଷ ଜନମ ହେଇ।

ମାଟିର ଶରୀର ମାଟିରେ ମିଶିବ
ଲାଗିଲେ ଏ ଦେହେ ନିଆଁ,
ମିଛେ କାହିଁକି ଗର୍ବ କରିବି ମୁହିଁ
ଛାଡିବି ଦିନେ ଦୁନିଆ,
ଛଅ ଖଣ୍ଡ କାଠରେ ଜଳିବ ଦେହ
ଦେଖୁଥିବେ ସାହି ଭାଇ
ଅଙ୍ଗାର ପାଉଁଶ ମୁଠେ ଧରି ହାତେ,
ଆସିବେ ଆତ୍ମୀୟ ନେଇ।

ଯେତେ ଅରଜି ଥିବୁ ଟଙ୍କା ପଇସା
ଯିବନି କେବେ ତ ସାଥେ
ଗର୍ବ ଅହଂକାର ପୋଡି ଯିବ ତୋହର
କୋକେଇରେ ଶୋଇବୁ ଯେବେ,
ଜୀଇଁଥିଲା ବେଳେ ଖାଲି ପକାନ୍ତି ରଡି
ସବୁ ମୋର ମୋର
ପ୍ରାଣ ଗଲା ପରେ ଥରେ ଏ ଶରୀରରୁ

ସବୁ ହୁଏ ପର,
ମିଛ, ମରିଚିକା ଏ ସଂସାର
ଦେଖିବାକୁ ଚକ ଚକ
ଗର୍ବ ଅହଂକାର ସବୁ ଏଠି
ଦିଶେ ପରା ଜଳ ଜଳ ।

ରୂପ ଯୌବନ ସ୍ଥାୟି ନ ରହିବ
ଉଡିଗଲେ କ୍ଷଣିକ ପ୍ରାଣ
ମିଛେ କାହିଁକି କରିବି ଗରବ
ଏ ଦେହକୁ ଭାବି ନିଜର ।



ତିହିଡି, ଭଦ୍ରକ,
ସଂଗଠନ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ଯୋଗାଯୋଗ-୮୩୩୯୯୩୯୯୨୯

## ସଞ୍ଜ ଦୀପ ଜାଳି ଚାହିଁ ମୁଁ ବସିଛି

ହରିଶ୍ଚନ୍ଦ୍ର ବେହେରା

ସଞ୍ଜ ଦୀପ ଜାଳି ଚାହିଁ ମୁଁ ବସିଛି
ଆସ ପ୍ରିୟତମ ଆସ
ଆକାଶେ ଉଇଁଛି ଚନ୍ଦ୍ର ଉଦିଆରେ
ରଚିବା ଶରତ ରାସ ।।

କାଖରେ କଳସୀ ଗଲି ଜଳ ପାଇଁ
ଉଜାଣି ଯମୁନା ନଈ
ତ୍ରିଭଙ୍ଗ ଭଙ୍ଗୀରେ କଦମ୍ବ ମୂଳରେ
ନାଚୁଛି କଳା କହ୍ନେଇ
କଳଙ୍କିନୀ ହେଲି ତାହାରି ଲାଗି ଲୋ
ଛାଡ଼ିଲି ସଂସାର ବାସ ।।

କେତେ ଉଜାଗର ରାତି ତ ବିତିଛି
ଆସିଲେନି ପ୍ରିୟ ମୋର
ଏଇଠି କେଉଁଠି ଶୁଭୁଛି ସଖୀ ଲୋ
ତାଙ୍କରି ବଇଁଶୀ ସ୍ୱର
ଭିତରେ ବାହାରେ ସବୁଠି ବହୁଛି
ଘନ ଘୋର ଅଣଚାଶ ।।

ଯାହା ଲାଗି କୁଳ କଳଙ୍କିନୀ ହେଲି
ସେ କି ବୁଝେ ମନ ମୋର
ଆସିବେ ବୋଲି ତ ଖୋଲା ମୁଁ ରଖିଛି
ସବୁ ହୃଦୟ ଦୁଆର
ବିରହ ଜ୍ୱାଳା ମୁଁ ସହି ତ ପାରୁନି
ଯମୁନାରେ ଦେବି ଝାସ ।।



କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

## ତଅପୋଇ

ସୁନନ୍ଦା ମହାନ୍ତି

ଭୋଦୁଅ ସଞ୍ଜର ପ୍ରତି ରବିବାର
ପଡେ ହୁଳହୁଳି ସ୍ୱର
ମଙ୍ଗଳା ସୁମରି ଖୁଦରଙ୍କୁଣୀ ଦୁଳାଳି
ଓଷା କରନ୍ତି ଶୁଭ ହେବ ପରିବାର
ମୋ ଭାଇ ମୁଣ୍ଡରେ ସୁନାମୁକୁଟ
ଢାଳିଦେଉ ହାତୀ ସାର
ମୋ ବାପା କରନ୍ତୁ ମୋ ସୁନାକୁଲେଇ
ଜୀବନେ ଆୟୁଷ ଥାଉ ପିତାମାତାଙ୍କର
ଝିଅ ଅଟେ ସୁକୁମାରୀ ପରିବାର ରକ୍ଷାକାରୀ
ମଙ୍ଗଳା ଉପାସ କରି ଭାଦ୍ରବ ରବିବାର
ମନାସେ ମାଆ ଲୋ ଦେ ମତେ
ସବୁଠୁ ସୁନ୍ଦର ବର
ମନ ଚିହ୍ନୁ ଧନ ନଥାଉ ହାତେ
ମାନ ରଖି ହେଉ ମୋ ସୌଦାଗର
ମାଆ ମଙ୍ଗଳା ସୁମରି ଭୋଗଡାଲା ଧରି
ପୂଜେ ବାଳି ଦେଇ କରତାଳି
ହୁଳହୁଳି ବରାବର
ଅଛି ଘରମଣି ସତ ତଅପୋଇ ଖାଏ ଭାତ
ପିନ୍ଧି ସୁନା ଅଳଙ୍କାର
ଭାଉଜଙ୍କ ଦାଉ ଚୁଲିକୁ ଯାଉ
ଲୋକହସା ହେବା ସାର
ବାପା ଭାଇ ମାତା ଭାଉଜ ବନିତା
ସାହା ହୁଅନ୍ତୁ ତଅପୋଇମାନଙ୍କର




ମଙ୍ଗଳା ସୁମରି ଝିଅ ପୁଅ ଏକା ପରି
ପୂଜୁଥାଆନ୍ତୁ ଭୋଦୁଆ ରବିବାର ।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

## ମହାତ୍ମା

ଡ.ଚନ୍ଦ୍ରକଳା ନାୟକ

ଜାତିର ପିତା ହେ ମହାନ ପୁରୁଷ
ଜନମିଲ ଏହି ଭାରତ ବର୍ଷେ
ଆମ ପାଇଁ ସଦା ଲଢିଲ ତୁମେ
ଅମର ରହିଲ ସଦା ଏ ଦେଶେ।
କର୍ତ୍ତବ୍ୟ ପଥରେ ସଦା ଆଗେଇଲ
ସତ୍ୟକୁ କଲ ବାରତା
ନିଇତି ଅହିଂସାର ମନ୍ତ୍ର ଶିଖାଇଲ
ଆଣିଦେଲ ସ୍ୱାଧୀନତା।



ଶୋଷଣ ଅନ୍ୟାୟ ବିରୋଧରେ ଲଢି
ଜନତାଙ୍କୁ ଧରି ଆଗେଇଲ
ବିପ୍ଳବର ଅଗ୍ନିକଣା ବୁଣି ତୁମେ
ବ୍ରିଟିଶମାନଙ୍କୁ ହଟାଇଲ।

ଦାଣ୍ଡୀଯାତ୍ରା ଆଉ ମୁକ୍ତି ସଂଗ୍ରାମକୁ ଦେଖି
ଇଂରେଜ ହେଲେ ଛାନିଆ
ଭୟ ଆଶଙ୍କାରେ ଭାରତର ମାଟି
ଛାଡିଲେ ରାତି ଅଧିଆ।

ଆଡମ୍ବର ଶୂନ୍ୟ ଜୀବନ ତୁମର
ପାଳଟିଗଲ ହେ ଗୁରୁ
ସ୍ୱାଧୀନତା ସ୍ୱାଦ ଚଖାଇ ସଭିଙ୍କୁ
ହୋଇଗଲ ମହାମେରୁ।

ଜୀବନ ତୁମର ସଦା ସମର୍ପିତ
ଅହିଂସା ମନ୍ତ୍ରର ଜଳେ
ତୁମେ ହିଁ ପ୍ରକୃତ ବିଶ୍ୱଗୁରୁ ଅଟ
ସାଧ କରିଅଛ ନିଜ ବଳେ।

ନିଜ ସ୍ୱାର୍ଥ ଭୂଲି ତ୍ୟାଗ କରିଗଲ
ଏ ବିଶ୍ୱ ଜନତାଙ୍କ ପାଇଁ
ମହାନ ନାୟକ ଜାତିର ପିତା ହେ
ତୁମକୁ କେବେ ଭୁଲିବୁ ନାହିଁ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

## ଝର ଝର ଝରେ

ଆଦିତ୍ୟ ମହାପାତ୍ର

ଆକାଶୁ ଝରିଲେ ସୂରୁଜ କିରଣ
ଧରାରେ ଆଲୋକ ଖେଳେ
ରୂପେଲି କିରଣ ଝରାଇ ଚାନ୍ଦିନୀ
ହସୁଥାଏ ତାରା ମେଳେ ।।

ସହିହୁଏ ନାହିଁ ଖରାର ପ୍ରକୋପ
ଗ୍ରୀଷମେ ଝରଇ ଯେବେ
ମୌସୁମୀ ଝରାଏ ଶୀତଳ ବରଷା
ଖୁସି ଖେଳିଯାଏ ଭବେ ।।

ଝାଳ ଗମଗମ ଝରିଯାଏ ଦେହୁ
ପରିଶ୍ରମ ଅନୁପାତେ
ଅସାବଧାନତା ଆଣେ ଦୁର୍ଘଟଣା
ରକତ ଝରଇ କେତେ ।।

ଝରିଲେ ବରଷା ଆକାଶ ଛାତିରୁ
ମେଣ୍ଟଇ ଚାତକ ଶୋଷ
ଅନ୍ତରୁ ଝରିଲେ ସେନେହ ଶରଧା
ବଇରି ବି ହୁଏ ବଶ ।।

ଶିଶୁର ପାଇଁକି ମାଆର ବକ୍ଷରୁ
ଝରଇ ଅମୃତ ଧାରା
ଝରଇ ଲୋତକ ବେନି ନୟନରୁ
କଥା ଶୁଣି ବ୍ୟଥା ଭରା ॥

କୋକିଳ କଣ୍ଠରୁ ଝରଇ ସୁନ୍ଦର
କୁହୁ କୁହୁ ମିଠା ଗୀତ
ଫୁଲ କୋରକରୁ ଝରଇ ମଧୁ ଯା'
ମଧୁପକୁ କରେ ପ୍ରୀତ ।।

ଝର ଝର ଝରେ ଈଶ୍ୱର କରୁଣା
ସୁକର୍ମରେ ଥିଲେ ମତି
ଆଶିଷ ଝରଇ ପିତାମାତାଙ୍କର
ଥିଲେ ହୃଦୟରେ ଭକ୍ତି ।।



ହାଇଟେକ୍ ମେଡିକାଲ କଲେଜ,
ଭୁବନେଶ୍ୱର

# ଏସୀୟ କ୍ରୀଡ଼ା : ତୀରନ୍ଦାଜିରେ ଗଣେଶଙ୍କୁ ମିଳିଲା କାଂସ୍ୟ ପଦକ

**ନାଗୋୟା**

ଭାରତର ଗଣେଶ ମଣିରତ୍ନମ ଥିରୁମୁରୁ ଚଳିତ ଏସୀୟ କ୍ରୀଡ଼ା ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ତୀରନ୍ଦାଜିରେ କାଂସ୍ୟ ପଦକ ଜିତିଛନ୍ତି। ୨୦ ବର୍ଷୀୟ ଏହି ଭାରତୀୟ ତୀରନ୍ଦାଜ ଗୁରୁବାର କାଂସ୍ୟ ମୁକାବିଲାରେ ଭିଏତ୍‌ନାମର କଙ୍ଗ ଡୁକ୍ ଡାଙ୍ଗଙ୍କୁ ୧୪୯-୧୪୪ରେ ମାତ୍ ଦେଇଥିଲେ। ଏଥି ସହ ଗଣେଶ ଚଳିତ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ କରାୟତ୍ତ କରିଛନ୍ତି। ବୁଧବାର ସେ ଭାରତୀୟ କମ୍ପାଉଣ୍ଡ ଦଳରେ ରହି ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ।

ଗୁରୁବାର କ୍ୱାର୍ଟରଫାଇନାଲ୍‌ରେ ଗଣେଶ ୧୪୮-୧୩୮ରେ ଚାଇନିଜ୍ ତାଇପେର ଚିଏ-ଲୁନ୍ ଚେନ୍‌ଙ୍କୁ ହରାଇଥିଲେ। ହେଲେ ସେମିଫାଇନାଲ୍‌ରେ ସେ ୧୪୪-୧୪୮ରେ ଦକ୍ଷିଣ କୋରିଆର କିମ୍ ଜଙ୍ଗଙ୍କଠୁ ହାରି ସ୍ୱର୍ଣ୍ଣ ଦୌଡ଼ରୁ ବାଦ୍ ପଡ଼ିଥିଲେ। ଅନ୍ୟପକ୍ଷରେ ମହିଳା ବ୍ୟକ୍ତିଗତରେ ମିଶ୍ରିତ ଓ ଦଳଗତରେ ସ୍ୱର୍ଣ୍ଣ ଜିତିଥିବା ଚିକିଥା ତାନିପାର୍ଥୀ କ୍ୱାର୍ଟରଫାଇନାଲ୍‌ରେ କଡ଼ା ସଂଘର୍ଷ କରି ୧୪୩-୧୪୪ରେ ଇଣ୍ଡୋନେସିଆର ନୁରିସା ଡିଆନ୍ ଆଶରିଫାଙ୍କଠୁ ହାରି ହ୍ୟାଟ୍ରିକ୍ ପଦକରୁ ବଞ୍ଚିତ ହୋଇଛନ୍ତି।



# ପାକିସ୍ତାନକୁ ହରାଇ ଏସିଆନ ଗେମ୍ସ ହକି ଫାଇନାଲରେ ଭାରତ

**କାକାମିଗାହାରା**



ଭାରତୀୟ ପୁରୁଷ ହକି ଦଳ ଏସିଆନ ଗେମ୍ସର ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନକୁ ୪-୩ ଗୋଲ୍‌ରେ ପରାସ୍ତ କରି ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏସିଆନ୍ ଗେମ୍ସ ଟାଇଟଲ୍ ମୁକାବିଲାରେ ପହଞ୍ଚିଛି। ଭାରତର ମହିଳା ଦଳ ମଧ୍ୟ ପୂର୍ବରୁ ଏସିଆନ ଗେମ୍ସର ହକି ଫାଇନାଲରେ ପହଞ୍ଚିଥିଲା। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ପ୍ରଥମେ ପାକିସ୍ତାନ ବିପକ୍ଷରେ ୩-୦ରେ ଆଗୁଆ ଚାଲିଥିଲା, କିନ୍ତୁ ପାକିସ୍ତାନ ତୃତୀୟ କ୍ୱାର୍ଟରରୁ ପ୍ରତ୍ୟାବର୍ତ୍ତନ କରି ସ୍କୋରକୁ ସମାନ କରିଦେଇଥିଲା। ତେବେ ଅଭିଷେକ ମ୍ୟାଚ୍ ଶେଷ ହେବାର ମାତ୍ର ୪୯ ସେକେଣ୍ଡ ପୂର୍ବରୁ ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଯାହା ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା।

ପାକିସ୍ତାନ ବିପକ୍ଷରେ ଭାରତ ପ୍ରଥମ କ୍ୱାର୍ଟରରୁ ହିଁ ଚାପ ପକାଇବା ଆରମ୍ଭ କରି ଦେଇଥିଲା। ହରମନପ୍ରୀତ ସିଂହ ପେନାଲ୍ଟିରେ ଗୋଲ୍ କରି ଭାରତକୁ ୧-୦ ଗୋଲ୍‌ରେ ଆଗୁଆ କରିଦେଇଛନ୍ତି। ଏହା ପୂର୍ବରୁ ଭାରତକୁ ଚାରିଥର ଗୋଲ୍ କରିବାର ସୁଯୋଗ ମିଳିଥିଲା, କିନ୍ତୁ ଦଳ ଗୋଲ୍ କରିପାରିନଥିଲା। ତେବେ ହରମନପ୍ରୀତ ପଞ୍ଚମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାର ସୁଯୋଗ ହାତଛଡ଼ା କରିନଥିଲେ। ଏହାପରେ ଦିଲପ୍ରୀତ ମଧ୍ୟ ଗୋଲ୍ କରିଥିଲେ, କିନ୍ତୁ ରେଫରି ଏହାକୁ ଅମାନ୍ୟ ଘୋଷଣା କରିଥିଲେ। ହରମନପ୍ରୀତ ଏହାପରେ ୧୩ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରେ ଆଉ ଏକ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ସୁଖଜୀତ ସିଂହ ୨୩ ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ୍ କରି ସ୍କୋରକୁ ୩-୦ କରିଦେଇଥିଲେ।

ଭାରତୀୟ ଦଳ ପାକିସ୍ତାନ ବିପକ୍ଷରେ ହାଫ୍ ଟାଇମ୍ ସୁଦ୍ଧା ୩-୧ ଗୋଲ୍‌ରେ ଅଗ୍ରଣୀ ବଜାୟ ରଖିଥିଲା। ଭାରତ ପକ୍ଷରୁ ହରମନପ୍ରୀତ ସିଂହ ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ୍ କରିଥିବା ବେଳେ, ସୁଖଜୀତ ସିଂହ ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଗୋଲ୍ କରିଥିଲେ। ତେବେ ପାକିସ୍ତାନ ମଧ୍ୟ ନିଜର ଗୋଲ୍ ଖାତା ଖୋଲିଥିଲା। ଦ୍ୱିତୀୟ କ୍ୱାର୍ଟରର ଖେଳ ଶେଷ ହେବା ପୂର୍ବରୁ ପାକିସ୍ତାନର ଅବୁ ମହମୁଦ ୩୦ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରେ ଗୋଲ୍ କରିଥିଲେ। ହାଫ୍ ଟାଇମ୍ ପର୍ଯ୍ୟନ୍ତ ଅଧିକାଂଶ ସମୟ ବଲ୍ ଭାରତୀୟ ଦଳର ନିୟନ୍ତ୍ରଣରେ ରହିଥିଲା। ଏହି ସମୟ ମଧ୍ୟରେ ଭାରତକୁ ୭ଟି ଏବଂ ପାକିସ୍ତାନକୁ ୬ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଭାରତୀୟ ଦଳ ଦୁଇଥର ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିବା ବେଳେ ପାକିସ୍ତାନକୁ ଗୋଟିଏ ଥର ସଫଳତା ମିଳିଥିଲା।

ହାଫ୍ ଟାଇମ୍ ପର୍ଯ୍ୟନ୍ତ ପଛୁଆ ରହିବା ପରେ ପାକିସ୍ତାନ ତୃତୀୟ କ୍ୱାର୍ଟରରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ପାକିସ୍ତାନର ଅହମ୍ମଦ ବଟ୍ଟଙ୍କୁ ୩୮ତମ ମିନିଟ୍‌ରେ ହଳଦିଆ କାର୍ଡ ଦେଖାଯାଇଥିଲା। ଅନ୍ୟପଟେ, ଭାରତର ଦିଲପ୍ରୀତ ସିଂହଙ୍କୁ ୪୩ତମ ମିନିଟ୍‌ରେ ସବୁଜ କାର୍ଡ ଦିଆଯାଇଥିଲା। ତୃତୀୟ କ୍ୱାର୍ଟରରେ ପାକିସ୍ତାନ ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲା ଏବଂ ହନନ ଶାହିଦ ୪୫ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ୍ କରିଥିଲେ। ତୃତୀୟ କ୍ୱାର୍ଟରରେ ଭାରତ ଗୋଟିଏ ହେଲେ ଗୋଲ୍ କରିପାରିନଥିଲା। ଏହାପରେ ଚତୁର୍ଥ କ୍ୱାର୍ଟରର ଆରମ୍ଭରେ ଓ୍ୱହିଦ୍ ରାଣା ୪୯ତମ ମିନିଟ୍‌ରେ ଗୋଲ୍ କରି ଦୁଇ ଦଳର ସ୍କୋରକୁ ବରାବର କରିଦେଇଥିଲେ।

ହାଫ୍ ଟାଇମ୍‌ପର୍ଯ୍ୟନ୍ତ ଭାରତ ଅଗ୍ରଣୀ ହାସଲ କରିଥିଲା, କିନ୍ତୁ ପାକିସ୍ତାନ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟରରେ ଲଗାତାର ଗୋଲ୍ କରି ମ୍ୟାଚ୍‌କୁ ବେଶ୍ ରୋମାଞ୍ଚକର କରିଦେଇଥିଲା। ଚତୁର୍ଥ କ୍ୱାର୍ଟରର ଶେଷ ସମୟରେ ଭାରତୀୟ ଦଳ ଚାପରେ ଥିବା ଭଳି ଜଣାପଡୁଥିଲା। ଏହି ସମୟରେ ଉଭୟ ଦଳର ଖେଳ ସମାନ ରହିଥିଲା। ତେବେ ଶେଷ ସମୟରେ ଭାରତକୁ ଭାଗ୍ୟ ସାଥ୍ ମିଳିଥିଲା ଏବଂ ୬୦ତମ ମିନିଟ୍‌ରେ ଅଭିଷେକ ଏକ ଫିଲ୍ଡ ଗୋଲ୍ କରିଥିଲେ। ଯାହା ଫଳରେ ଭାରତ ଏହି ମ୍ୟାଚ୍‌କୁ ୪-୧ ଗୋଲରେ ଜିତିବାରେ ସଫଳ ହୋଇଛି।

# ଏସିଆନ ଗେମ୍ସ କୁସ୍ତିରେ ରୌପ୍ୟ ପଦକ ଜିତିଲେ ନିତେଶ



**ନାଗୋୟା**

ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ଗ୍ରୀକୋ-ରୋମାନ କୁସ୍ତିରେ ସ୍ୱର୍ଣ୍ଣ ପଦକ ଜିତିବାର ସ୍ୱପ୍ନ ଅଧୁରା ରହିଯାଇଛି। ପୁରୁଷ ବର୍ଗର ୯୭ କିଲୋଗ୍ରାମ ଭାରବର୍ଗ ଫାଇନାଲରେ ନିତେଶ ସିୱାଚ୍‌ଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଜାପାନର ଖେଳାଳି ୟୁରି ନକାଜାଟୋ ତାଙ୍କୁ ପରାସ୍ତ କରିଛନ୍ତି। ଏହାସହ ନିତେଶଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ମୁକାବିଲା ନାଗୋୟା ସିଟି ଇନାଏ ସ୍ପୋର୍ଟସ ସେଣ୍ଟରରେ ଖେଳାଯାଇଥିଲା। ଏହି ପ୍ରଦର୍ଶନ ସହିତ ନିତେଶ ଇତିହାସ ରଚିଛନ୍ତି। ସେ ଏସିଆନ୍ ଗେମ୍ସର ଫାଇନାଲରେ ପ୍ରବେଶ କରିଥିବା ଦେଶର ଦ୍ୱିତୀୟ ଗ୍ରୀକୋ-ରୋମାନ କୁସ୍ତିଯୋଦ୍ଧା ବନିଯାଇଛନ୍ତି। ତାଙ୍କ ପୂର୍ବରୁ ବର୍ଷ ୧୯୬୨ରେ ମାରୁତି ମାନେ ଏହି ଭାରବର୍ଗରେ ରୌପ୍ୟ ପଦକ ଜିତିଥିଲେ।

ଭାରତ ଏବଂ ଜାପାନର କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ମ୍ୟାଚ୍‌ର ଆରମ୍ଭ ଭଲ ହୋଇଥିଲା, କିନ୍ତୁ ନିତେଶ ରିଙ୍ଗ୍ ବାହାରକୁ ଚାଲିଯିବା ଯୋଗୁଁ ଏକ ପଏଣ୍ଟ ହରାଇଥିଲେ। ଏହାର କିଛି ସମୟ ପରେ ଭାରତୀୟ କୁସ୍ତିଯୋଦ୍ଧା ୦-୨ ରେ ପଛୁଆ ହୋଇଯାଇଥିଲେ। ପ୍ରଥମ ରାଉଣ୍ଡର ପ୍ରାରମ୍ଭିକ ତିନି ମିନିଟ୍‌ରେ ନିତେଶଙ୍କ ବିପକ୍ଷରେ ଜାପାନୀ କୁସ୍ତିଯୋଦ୍ଧା ୨-୦ ରେ ଅଗ୍ରଣୀ ହାସଲ କରିନେଇଥିଲେ। ଦ୍ୱିତୀୟ ରାଉଣ୍ଡର ପ୍ରଥମ ମିନିଟ୍‌ରେ ନିତେଶ ଆହୁରି ଦୁଇ ପଏଣ୍ଟ ହରାଇ ୦-୪ ରେ ପଛୁଆ ହୋଇଯାଇଥିଲେ। ଏହାପରେ ତାଙ୍କ ହାତରୁ ସ୍ୱର୍ଣ୍ଣ ପଦକ ଖସିଯାଇଥିଲା।

ନିତେଶ ସିୱାଚ୍ ମଙ୍ଗୋଲିଆର ଗନଖୁୟାଗ ଗନବାତାରଙ୍କୁ ୯-୦ ରେ ପରାସ୍ତ କରି ଏସିଆନ ଗେମ୍ସ ୨୦୨୬ ର ପୁରୁଷ ଗ୍ରୀକୋ-ରୋମାନ ୯୭ କିଗ୍ରା ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହି ବିଜୟ ସେ 'ଟେକ୍ନିକାଲ ସୁପିରିୟରିଟି' ଆଧାରରେ ହାସଲ କରିଥିଲେ। ତେବେ ସେ ନିଜର ଏହି ଚମତ୍କାର ପ୍ରଦର୍ଶନକୁ ଫାଇନାଲ ମୁକାବିଲାରେ ବଜାୟ ରଖିପାରିନଥିଲେ ଏବଂ ତାଙ୍କୁ ରୌପ୍ୟ ପଦକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ଶ୍ରୀଲଙ୍କାକୁ ହରାଇ ଏସିଆନ ଗେମ୍ସ ଫାଇନାଲରେ ଭାରତ : ଶନିବାର ସ୍ୱର୍ଣ୍ଣ ପଦକ ପାଇଁ ପାକିସ୍ତାନ ସହ ଖେଳିବ ମ୍ୟାଚ୍

**ନିଶିନ**

ଏସିଆନ୍ ଗେମ୍ ମେଡାଲ ମହାକୁମ୍ଭ। ଶନିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ଫାଇନାଲ୍ ଟକ୍କର। ସ୍ୱର୍ଣ୍ଣ ପଦକ ପାଇଁ ମୁହାଁମୁହିଁ ହେବେ ଦୁଇ ଟିମ୍। ଗୁରୁବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ମାତ୍ ଦେଇଛି ଭାରତୀୟ ଦଳ। ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ୧୬୯ ରନ୍ କରିଥିଲା ଟିମ୍ ଇଣ୍ଡିଆ। ଶ୍ରୀଲଙ୍କାକୁ ୧୭୦ ରନର ଟାର୍ଗେଟ୍ ରହିଥିଲା। ମାତ୍ର ସିଂହଳୀ ଟିମ୍ ଭାରତୀୟ ବୋଲିଂ ଆକ୍ରମଣ ସାମ୍ନାରେ ଆତ୍ମସମର୍ପଣ କରିଥିଲା। ମାତ୍ର ୪୫ ରନରେ ଅଲଆଉଟ୍ ହୋଇଯାଇଥିଲା ଦଳ।



ସବୁଠୁ ବଡ଼ କଥା ହେଲେ ୬ଜଣ ବ୍ୟାଟର ଶୂନରେ ଆଉଟ୍ ହୋଇଥିଲେ। ଟିମ୍ ଇଣ୍ଡିଆ ପକ୍ଷରୁ ଯଶପ୍ରୀତ ବୁମ୍ରା, ଅକ୍ଷର ପଟେଲ ଏବଂ ଅଭିଷେକ ଶର୍ମାଙ୍କୁ ଦୁଇଟି ଲେଖାଏଁ ଓ୍ୱିକେଟ୍ ମିଳିଛି।

ସିଂହଳୀ ଦଳ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଟିମ୍ ଇଣ୍ଡିଆ ପକ୍ଷରୁ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ୍ ଶର୍ମା ଓପନିଂ ପାଇଁ ଓହ୍ଲାଇଥିଲେ। ହେଲେ ଦଳକୁ ମାତ୍ର ୧୨ରନରେ ପ୍ରାରମ୍ଭିକ ଝଟ୍‌କା ଲାଗିଥିଲା। ଅଭିଷେକ୍ ଶର୍ମା ମାତ୍ର ୭ରନ କରି ଆଉଟ୍ ହୋଇଥିଲେ। ପରେ ଓ୍ୱିକେଟ୍ କିପର ବ୍ୟାଟର ସଞ୍ଜୁ ସାମସନ୍ ମଧ୍ୟ ୭ରନ କରି ଆଉଟ୍ ହୋଇଥିଲେ। ଏହାପରେ କ୍ୟାପଟେନ୍ ଶ୍ରେୟାସ ଆୟର ବୈଭବଙ୍କ ମିଶି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ହେଲେ ସପ୍ତମ ଓଭରରେ ବୈଭବ ସୂର୍ଯ୍ୟବଂଶୀ ୩୮ ରନ କରି ଶାହାନ ଆରାଚ୍ଛିଗେଙ୍କ ଶିକାର ହୋଇଥିଲେ। ତାଙ୍କ ପରେ ପରେ ଅଧିନାୟକ ଶ୍ରେୟାସ ଆୟର ୧୩ ରନ କରି ଆଉଟ୍ ହୋଇଥିଲେ। ହେଲେ ଇଶାନ କିଷାନ ଏକାକୀ ଶ୍ରୀଲଙ୍କାର ବୋଲରଙ୍କ ଉପରେ ପ୍ରହାର କରିଥିଲେ। ସେ ମାତ୍ର ୪୬ଟି ବଲ ଖେଳି ୭୦ ରନ ସଂଗ୍ରହ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ୧୬୯ କରିବାରେ ସକ୍ଷମ ହୋଇଥିଲା।

୧୭୦ରନର ଟାର୍ଗେଟକୁ ପିଛା କରି ଶ୍ରୀଲଙ୍କା ଟିମ୍ ପଡ଼ିଆକୁ ଓହ୍ଲାଇ ଥିଲା। ହେଲେ ଯଶପ୍ରୀତ ବୁମ୍‌ରାଙ୍କ ଘାତକ ବୋଲିଂ ସାମ୍ନାରେ ଆତ୍ମସମର୍ପଣ କରିଥିଲେ। ପ୍ରଥମ ଓଭରର ଦ୍ୱିତୀୟ ବଲରେ ଶ୍ରୀଲଙ୍କାକୁ ଝଟ୍‌କା ଦେଇଥିଲେ ବୁମ୍‌ରା। ଶୂନରେ ସିନେଥ ଜୟୱର୍ଦ୍ଧେନଙ୍କ ଓ୍ୱିକେଟ୍ ଅକ୍ତିକାର କରିଥିଲେ। ସେହି ଓଭରର ପଞ୍ଚମ ବଲରେ ଶୋହାନ-ଡେ ଲିଭରା ମଧ୍ୟ ଶୂନରେ ଆଉଟ୍ ହୋଇଥିଲେ। ଦ୍ୱିତୀୟ ଓଭରରେ ଲସିଥ୍ କ୍ରୁପସଲେ କୌଣସି ରନ୍ ନକରି ରନ ଆଉଟ୍ ହୋଇଥିଲେ। ଶ୍ରୀଲଙ୍କା ପକ୍ଷକୁ ନୂଆଣ୍ଡୁ ଫର୍ଣ୍ଣାଡେ ସର୍ବାଧିକ ୧୫ କରିଥିବା ବେଳେ ଦଳ ୯.୫ ଓଭରରେ ମାତ୍ର ୪୫ ରନ କରି ଅଲଆଉଟ୍ ହୋଇଥିଲା। ଫଳରେ ଟିମ୍ ଇଣ୍ଡିଆକୁ ଏକ ସହଜ ବିଜୟ ଫାଇନାଲ୍ ଓ୍ୱିକେଟ୍ ମିଳିଛି। ଟିମ୍ ଇଣ୍ଡିଆ ପକ୍ଷରୁ ଯଶପ୍ରୀତ ବୁମ୍‌ରା, ଅକ୍ଷର ପଟେଲ୍ ଏବଂ ଅଭିଷେକ୍ ଶର୍ମାଙ୍କୁ ୨ଟି ଲେଖାଏଁ ଓ୍ୱିକେଟ୍ ମିଳିଥିବା ବେଳେ ଓ୍ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଓ୍ୱିକେଟ୍ ମିଳିଛି। ଆସନ୍ତା ଶନିବାର ଭାରତ-ପାକିସ୍ତାନ ମଧ୍ୟରେ ଗୋଲଡ ମେଡାଲ୍ ପାଇଁ ଫାଇଟ୍ ହେବ।

# ସାହାଣୀ କପ୍ ଫୁଟବଲ୍ ଅଷ୍ଟମ ଦିବସ : ପୁରୀ ଓ କଟକ ବିଜୟୀ





**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୬୫ତମ ସାହାଣୀ କପ୍ ଫୁଟବଲ୍‌ର ପ୍ରଥମ ମ୍ୟାଚ୍‌ରେ ନୟାଗଡ଼କୁ ୧-୦ ଗୋଲରେ ହରାଇ ପୁରୀ ଦଳ ବିଜୟୀ ହୋଇଛି। ପୁରୀ ଦଳର ୭ ନମ୍ବର୍ ଜର୍ସି ବିଷ୍ଣୁ ପ୍ରତାପ ନାୟକ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ପୁରୀର ୧୫ ନମ୍ବର୍ ଜର୍ସି ଜଗେଶ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ନିତେଶ ମାଝୀ ମୁଖ୍ୟ ରେଫ୍‌ରି, ସହଯୋଗୀ ରେଫ୍‌ରି ଭାବେ ସୁମିତ୍ ମହାଲିଂ, ଅଶ୍ୱିନୀ ସାହୁ, ଅନିଲ ଭୋଇ ଓ ମ୍ୟାଚ୍ କମିଶନର ଭାବେ ନବୀନ ନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ଫାଓର ଅଫିସିଆଲ୍ ଭାବେ ଅମରେନ୍ଦ୍ର ସିଂହ ଓ ରମେଶ ଚନ୍ଦ୍ର ମଲ୍ଲିକ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାରର ଦ୍ୱିତୀୟ ମ୍ୟାଚ୍ କଟକ ଓ ଖୋର୍ଦ୍ଧା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଓ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ବେଣୁଧର ଦାଶ, ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ, ପ୍ରାକ୍ତନ ପୌର ଅଧକ୍ଷା ତଥା ୨୦୨୪ର ବିଜେପି ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନଳିନୀ ପଣ୍ଡା, ଜିଲ୍ଲା ସାଧାରଣ ସଂପାଦକ ବିଶ୍ୱମ୍ଭର ମିଶ୍ର, ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ସନ୍ତୋଷ ପ୍ରଧାନ, ବିଜେପି ନଗର ସଭାପତି ସୁରେଶ ବିଶ୍ୱାଳ, ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ ବିଭାଗର ସାଂସଦ ପ୍ରତିନିଧି ସ୍ୱରୂପ ପାତ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ମାହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରିବନ୍ତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ ସାଂସଦ ପ୍ରତିନିଧି ସ୍ୱରୂପ, ବରିଷ୍ଠ ବିଜେପି ନେତା ସୁମନ୍ତ ଜଗଦଲା, ଯୋଗ ଦେଇଥିଲେ। କଟକ ଦଳର ୧୦ ନମ୍ବର ଜର୍ସି ଦୀନବନ୍ଧୁ ଦାସ ପ୍ରଥମ ଗୋଲ ସ୍କୋର କରିଥିଲେ। ଗୁରୁବାରର ଏହି ଦ୍ୱିତୀୟ ମ୍ୟାଚ୍‌କୁ ଅରୁଣ ନାୟକ, ଜିତେନ୍ଦ୍ର ଥନାପତି, ଧାନେଶ୍ୱର ସର୍ଦ୍ଦାର, ଦେବାଶିଷ ବାଗ ପରିଚାଳନା କରିଥିଲେ। କଟକ ଦଳର ୧୦ ନମ୍ବର ଜର୍ସି ଦିନବନ୍ଧୁ ଦାସ ଗୋଟାଏ ଗୋଲ ସ୍କୋର କରି ମନ୍ତ୍ରୀଙ୍କ ଦ୍ୱାରା ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ ସଭା ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ମନୋରଞ୍ଜନ ତ୍ରିପାଠୀ ସହଯୋଗ କରିଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା ସହଯୋଗ କରିଥିଲେ।

## ବିଏସଏନଏଲର ଷଡ଼ବିଂଶତମ ପ୍ରତିଷ୍ଠା ଦିବସ

# ଡିଜିଟାଲ୍ ସଂଯୋଗୀକରଣ ଏବଂ ଗ୍ରାହକ ସେବା ପ୍ରତି ବିଏସଏନଏଲ ଓଡ଼ିଶା ରହିଛି ସଂକଳ୍ପବଦ୍ଧ

**ନୂଆଦିଲ୍ଲୀ, ପିଆଇବି**




୧ ଅକ୍ଟୋବର ୨୦୨୬ରେ 'ହମାରା ବିଏସଏନଏଲ' ବାର୍ତ୍ତା ନେଇ ବିଏସଏନଏଲର ଷଡ଼ବିଂଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ସମସ୍ତ ପରିଚାଳନା ଏବଂ ବ୍ୟବସାୟିକ କ୍ଷେତ୍ରରେ ବିଏସଏନଏଲର ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଏକାଧିକ ଉପଭୋକ୍ତା କୈନ୍ଦ୍ରିକ ଏବଂ କର୍ମଚାରୀ କୈନ୍ଦ୍ରିକ ଯୋଜନା ଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ହମାରା ବିଏସଏନଏଲ ବାର୍ତ୍ତା ନେଇ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ, ମେଗା ସିମ୍ ଓ ଏଫଟିଟିଏଚ ମେଳା, ଭାରତ ନେଟ୍ କନେକ୍ଟିଭିଟି ଭଳି କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ଉତ୍କର୍ଷ ସଫଳତା ହାସଲ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ବିଏସଏନଏଲ କ୍ରମାଗତ ଭାବେ ଓଡ଼ିଶାର ଉପାନ୍ତ ଓ ଅପହଞ୍ଚ ଇଲାକା ସମେତ ବିଭିନ୍ନ ସ୍ଥାନରେ ମୋବାଇଲ୍ ସଂଯୋଗର ବିସ୍ତାର କରୁଛି। ଡିବିଏନ୍ ପାଣ୍ଠି ପ୍ରକଳ୍ପ ଅଧୀନରେ ମୋଟ୍ ୧୭୮୯ଟି ଫୋର ଜି ମୋବାଇଲ୍ ଟାୱାର ସ୍ଥାପନ କରାଯାଇଛି। ଏହା ୨୫୪୨ ଅପହଞ୍ଚ ଏବଂ ଉପାନ୍ତ ଗାଁରେ ଫୋର ଜି ସେବା ଆରମ୍ଭ କରିଛି। ମାର୍ଚ୍ଚ ୨୦୨୭ ସୁଦ୍ଧା ଆହୁରି ୮୬୫ ଗାଁରେ ଫୋର ଜି ମୋବାଇଲ୍ ସେବା ଆରମ୍ଭ କରାଯିବ। ଭାରତ ନେଟ୍ ପ୍ରକଳ୍ପ ଅଧୀନରେ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ ସମସ୍ତ ୩୧୪ ବ୍ଲକ୍ ଏବଂ ୬,୭୯୮ ଗାଁକୁ ବିସ୍ତାର କରାଯାଉଛି।

ଚାହିଦା ଅନୁଯାୟୀ ପ୍ରାୟ ୪୪,୪୫୬ଟି ଗ୍ରାମକୁ ହାଇ-ସ୍ପିଡ୍ ଏଫଟିଟିଏଚ ସଂଯୋଗ ଯୋଗାଇଦେବା ପାଇଁ ପ୍ରସ୍ତାବ ରହିଛି। ଏହା ବ୍ୟତୀତ, ବିଏସଏନଏଲ ଓଡ଼ିଶା ସାରା ୫,୦୦୦ରୁ ଅଧିକ ମାଧ୍ୟମିକ ବିଦ୍ୟାଳୟ, ୧,୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ଏବଂ ୬,୫୦୦ରୁ ଅଧିକ ମାଧ୍ୟମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏଫଟିଟିଏଚ ସଂଯୋଗ ଯୋଗାଇଦେବା ଦିଗରେ ମଧ୍ୟ କାର୍ଯ୍ୟ କରୁଛି। ଏହି ପଦକ୍ଷେପ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡିଜିଟାଲ୍ ସୁବିଧାକୁ ସୁଦୃଢ଼ କରିବା ସହିତ ଗ୍ରାମସ୍ତରୀୟ ଉଦ୍ୟୋଗୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ନୂତନ ଗ୍ରାହକମାନେ ମାତ୍ର ୧ ଟଙ୍କାରେ ବିଏସଏନଏଲ ମୋବାଇଲ୍ ସେବାର ଅନୁଭବ ନେଇପାରିବେ। ଏଥିରେ ମିଳିବ ଦୈନିକ ୧ ଜିବି ଡାଟା ସହିତ ଅନଲିମିଟେଡ୍ ଭଏସ୍ କଲ୍ ଏବଂ ଦୈନିକ ୧୦୦ ଏସଏମଏସ ସୁବିଧା ଯାହାର ବୈଧତା ୨୪ ଦିନ ରହିବ। ସେହିପରି ଏସଟିଭି ୩୪୯ ପ୍ଲାନରେ ୨୮ ଦିନ ପାଇଁ ଅସୀମିତ ଡାଟା, ଅସୀମିତ ଭଏସ୍ କଲ୍ ଏବଂ ଦୈନିକ ୧୦୦ଟି ଏସଏମଏସ ସୁବିଧା ମିଳିବ। ଏହି ଅଫର୍ ୩ ଅକ୍ଟୋବର ୨୦୨୬ରୁ ଉପଲବ୍ଧ ହେବ। ୧ ରୁ ୧୫ ଅକ୍ଟୋବର ୨୦୨୬ ମଧ୍ୟରେ ପିଭି ୨୩୧୯ ପ୍ଲାନରେ ରିଚାର୍ଜ କରୁଥିବା ଗ୍ରାହକମାନେ ଅତିରିକ୍ତ ୧୫ ଦିନର ବୈଧତା ପାଇବେ, ଯାହା ଫଳରେ ମୋଟ ବୈଧତା ୩୬୫ ଦିନରୁ ବୃଦ୍ଧି ପାଇ ୩୮୦ ଦିନ ହେବ।

ବିଏସଏନଏଲ ଗ୍ରାହକଙ୍କ ପାଇଁ ଓଟିଟି ଟୋକନ୍ ସୁବିଧା ସହିତ ନୂତନ ଏଫଟିଟିଏଚ ଯୋଜନା ଆରମ୍ଭ କରୁଛି, ଯାହା ମାଧ୍ୟମରେ ସେମାନେ ବିଲ୍ଟ ଯୋର ଓଟିଟି (ବିଓ୍ୱାଇଓ) ପୋର୍ଟାଲ୍ ବ୍ୟବହାର କରି ଉପଲବ୍ଧ ୨୭ଟି ଓଟିଟି ମଧ୍ୟରୁ ନିଜ ଆବଶ୍ୟକତା ଅନୁଯାୟୀ ଓଟିଟି ସେବାକୁ ସୁବିଧାଜନକ ଭାବେ ଚୟନ ବା କଷ୍ଟମାଇଜ୍ କରିପାରିବେ। ଏହି ବିଓ୍ୱାଇଓ ବ୍ୟବସ୍ଥା ଟୋକନ୍ ସିଷ୍ଟମ୍ ଉପରେ କାର୍ଯ୍ୟ କରିବ। ଷଡ଼ବିଂଶତମ ପ୍ରତିଷ୍ଠା ଦିବସରେ, ବିଏସଏନଏଲ ଓଡ଼ିଶା ନିର୍ଭରଯୋଗ୍ୟ ଓ ସୁଲଭ ଦୂରସଞ୍ଚାର ସେବା ସହିତ ଗ୍ରାହକ ମାନଙ୍କୁ ସେବା ଯୋଗାଇବା ସହିତ ଲୋକଙ୍କୁ ସଂଯୋଗ କରିବା, ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ସମାବେଶୀ ଡିଜିଟାଲ୍ ଅଭିବୃଦ୍ଧିକୁ ସକ୍ଷମ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି।

15001/105/2627



ଜାତିର ଜନକ
ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨ ଅକ୍ଟୋବର, ୨୦୨୬
ସମୟ: ସକାଳ ୮:୪୦ ମିନିଟ୍
ସ୍ଥାନ: ଓଡ଼ିଶା ବିଧାନ ସୌଧ ପରିସର, ଭୁବନେଶ୍ୱର
ପ୍ରାର୍ଥନା ସଭା
ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ
ସର୍ବଧର୍ମ ପ୍ରାର୍ଥନା ସଭା
ଆଶ୍ରମ ଭଜନ
ରାମଧୁନ
ଡ. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ, ସାଂସଦ, ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ପ୍ରେମୀ ତଥା ଅନ୍ୟାନ୍ୟ ଅତିଥିବୃନ୍ଦ ଏହି ପ୍ରାର୍ଥନା ସଭାରେ ଯୋଗ ଦେଇ ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ।
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/15001/2/26-27/0105

ଭୁବନେଶ୍ୱର, ୨ ଅକ୍ଟୋବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

## ୨୦୦୮ ଅହମ୍ମଦାବାଦ ବିସ୍ଫୋରଣ ମାମଲା

# ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧/୧୦

୨୦୦୮ ଅହମ୍ମଦାବାଦ ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ଇଣ୍ଡିଆନ୍ ମୁଜାହିଦିନର ଆତଙ୍କବାଦୀ ଅହମଦ ବାୱା ଓରଫ୍ ଅବ୍‌ବୁ ଅବୁବକର ବରେଲଭିର ମୃତ୍ୟୁଦଣ୍ଡ ଉପରେ ଗୁରୁବାର ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ଏ.ଜି. ମସିହ ଓ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଏହି ମାମଲାରେ ଗୁଜରାଟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଟ୍ରାଏଲ୍ କୋର୍ଟର ମୂଳ ରେକର୍ଡ ମାଗିଛନ୍ତି। ବରେଲଭି ଗୁଜରାଟ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଥିଲା। ୨୦୦୮ ଜୁଲାଇ ୨୬ରେ ଅହମ୍ମଦାବାଦର ବିଭିନ୍ନ ସ୍ଥାନରେ ୭୦ ମିନିଟ୍ ମଧ୍ୟରେ ୨୧ଟି ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଆହତ ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ପାଇଁ ନିଆଯାଉଥିବା ହସ୍ପିଟାଲ ଗୁଡ଼ିକରେ ମଧ୍ୟ ବିସ୍ଫୋରଣ ଘଟିଥିଲା। ଭାରତରେ ଆତଙ୍କବାଦୀ ଆକ୍ରମଣ ସମୟରେ ଚିକିତ୍ସାଳୟକୁ ଟାର୍ଗେଟ୍ କରାଯିବାର ଏହା ପ୍ରଥମ ଘଟଣା ବୋଲି ମାମଲାର ରେକର୍ଡରେ ଉଲ୍ଲେଖ ରହିଛି। ଏହି ମାମଲାରେ ୩୫ଟି ପୁଲିସ୍ ମାମଲାକୁ ଏକାଠି କରାଯାଇଥିଲା। ଏଥିରୁ ୨୦ଟି ଏଫ୍ଆଇଆର୍ ଅହମ୍ମଦାବାଦ ବିସ୍ଫୋରଣ ସହ ଏବଂ ୧୫ଟି ସୁରତରୁ ମିଳିଥିବା ଅଫୁଟା ବୋମା ସହ ସମ୍ପର୍କିତ ଥିଲା। ମୋଟ ୭୮ ଜଣଙ୍କ ବିରୋଧରେ ବିଚାର ହୋଇଥିବାବେଳେ ୪୯ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୨୨ ଫେବ୍ରୁୟାରୀରେ ସ୍ୱତନ୍ତ୍ର ଅଦାଲତ ୪୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ। ଅନ୍ୟ ୨୮ ଜଣ ଅଭିଯୁକ୍ତ ମୁକ୍ତ ହୋଇଥିଲେ। ଏକକ ମାମଲାରେ ୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଦେବା ଦେଶର ନ୍ୟାୟିକ ଇତିହାସରେ ଏପର୍ଯ୍ୟନ୍ତ ସର୍ବାଧିକ ଥିଲା। ଚଳିତ ବର୍ଷ ଜୁଲାଇ ୭ରେ ଗୁଜରାଟ ହାଇକୋର୍ଟ ସ୍ୱତନ୍ତ୍ର ଅଦାଲତଙ୍କ ରାୟକୁ କାଏମ୍ ରଖି ୩୮ ଜଣଙ୍କ ମୃତ୍ୟୁଦଣ୍ଡ ଏବଂ ୧୧ ଜଣଙ୍କ ଆଜୀବନ ଜେଲଦଣ୍ଡକୁ ବଜାୟ ରଖିଥିଲେ। ବିସ୍ଫୋରଣରେ ବହୁ ସଂଖ୍ୟକ ଲୋକଙ୍କ ମୃତ୍ୟୁ, ବ୍ୟାପକ ଷଡ଼୍‌ଯନ୍ତ୍ର ଏବଂ ସମାଜରେ ଭୟ ସୃଷ୍ଟି କରିବାର ଉଦ୍ଦେଶ୍ୟକୁ ହାଇକୋର୍ଟ ମୃତ୍ୟୁଦଣ୍ଡ କାଏମ୍ ରଖିବାର ମୁଖ୍ୟ କାରଣ ଭାବେ ଦର୍ଶାଇଥିଲେ। ଦୋଷୀମାନଙ୍କ ମଧ୍ୟରେ ନିଷିଦ୍ଧ ସଂଗଠନ ସିମିର ପୂର୍ବତନ ନେତା ସଫଦର ନଗୋରି ମଧ୍ୟ ଅଛି। ଅହମ୍ମଦ ବାୱା ପକ୍ଷରୁ ଏହି ଶୁଣାଣିରେ ଆଇନଜୀବୀ କହିଥିଲେ ଯେ, ତାଙ୍କ ମହକିଲକୁ ମୁଖ୍ୟତଃ ଷଡ଼୍‌ଯନ୍ତ୍ର ଆଧାରରେ ଦୋଷୀ କରାଯାଇଛି। ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ଜବାବ ମାଗିବା ସହ ମୂଳ ରେକର୍ଡ ତଲବ କରିଛନ୍ତି। ଏହି ଆଦେଶର ଅର୍ଥ ମୃତ୍ୟୁଦଣ୍ଡ ରଦ୍ଦ ହୋଇଯାଇନାହିଁ; ମାମଲାର ପରବର୍ତ୍ତୀ ବିଚାର ନ ହେବା ପର୍ଯ୍ୟନ୍ତ ଏହାର କାର୍ଯ୍ୟକାରିତା ଉପରେ ରୋକ ରହିଛି। ଏହାଛଡ଼ା ଗୁଜରାଟ ହାଇକୋର୍ଟ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗୁଜରାଟ ସରକାରଙ୍କୁ କହିଥିଲେ। ଏହି ରାଶି ୨୦୨୭ ମାର୍ଚ୍ଚ ୩୦ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ରହିଛି।

# ଶ୍ରୀମନ୍ଦିରରେ ପଲିଥିନ୍ ବ୍ୟବହାର ନିୟମ ମାନୁନାହାନ୍ତି ଭକ୍ତ-ସେବାୟତ

ପୁରୀ ୧।୧୦ ନ୍ୟୁଜ ବ୍ୟୁରୋ



ଶ୍ରୀମନ୍ଦିରକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ବାରମ୍ବାର ପ୍ରୟାସ ପରେ ବି ଫେଲ୍ । ଶ୍ରୀମନ୍ଦିର ଭିତରେ ପଲିଥିନର ବ୍ୟବହାର ହେଉଛି। ଅବାଧରେ ମନ୍ଦିର ଭିତରକୁ ଯାଉଛି ମାଳ ମାଳ ପଲିଥିନ୍। ଭକ୍ତ ହୁଅନ୍ତୁ କିମ୍ବା ସେବାୟତ ଯାହାଙ୍କ ହାତରେ ଦେଖିବେ ପଲିଥିନ୍ । ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସୁଥିବା ଭକ୍ତମାନେ ଫୁଲ ଏବଂ ଭୋଗ ସାମଗ୍ରୀ ପଲିଥିନ ମାଧ୍ୟମରେ ନେଉଥିବା ବେଳେ ଏହା ଉପରେ ଲାଗି ପାରୁନି କଟକଣା । ଶ୍ରୀମନ୍ଦିର ଭିତରେ ଥିବା ଆନନ୍ଦ ବଜାର, ଦୀପ ଦୋକାନରେ ମଧ୍ୟ ମାଳ ମାଳ ପଲିଥିନ୍ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି । ଗତ କିଛି ମାସ ତଳେ ଶ୍ରୀମନ୍ଦିରରେ ପଲିଥିନ ଓ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବ୍ୟାନ୍ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀମନ୍ଦିର ଆସୁଥିବା ଭକ୍ତମାନେ ଫୁଲ କିମ୍ବା ଭୋଗ ସାମଗ୍ରୀ ପଲିଥିନରେ ନଆଣି ଏହା ବଦଳରେ କପଡ଼ାରେ ପ୍ରସ୍ତୁତ ବ୍ୟାଗ୍ କିମ୍ବା ବିଭିନ୍ନ ପ୍ରାକୃତିକ ପଦ୍ଧତିରେ ତିଆରି ବ୍ୟାଗ୍ ବ୍ୟବହାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ପରାମର୍ଶ ଦେଇଥିଲା। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନର ଏସବୁ କଟକଣାକୁ ନା ମାନୁଛନ୍ତି ଭକ୍ତ ନା ସେବାୟତ । ସେପଟେ ସେବାୟତଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ଭିତରେ ସେତେ ମାତ୍ରାରେ ପଲିଥିନ୍ ବ୍ୟବହାର ହେଉନାହିଁ। ଅନେକ ସେବାୟତ ଏହି ନିୟମକୁ ପାଳନ କରୁଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ଓ ସେବାୟତ ଶ୍ରୀମନ୍ଦିର ଭିତରେ ଏହି ନିୟମକୁ ଅବମାନନା କରୁଛନ୍ତି । ତେଣୁ ଏଥିପ୍ରତି ବ୍ୟାପକ ସଚେତନତା ସହ ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ।

# ମହଙ୍ଗା ହେଲା ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର୍

ନୂଆଦିଲ୍ଲୀ, ୧/୧୦



ଦେଶରେ ପାର୍ବଣ ଋତୁ ଆରମ୍ଭ ହେବାର ଠିକ୍ ପୂର୍ବରୁ ଦେଶର ତୈଳ ବିପଣନ କମ୍ପାନୀଗୁଡ଼ିକ ଏଲପିଜି ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ତେବେ ଏହି ଦରବୃଦ୍ଧି କେବଳ ୧୯ କିଲୋଗ୍ରାମ ଓଜନର କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ପାଇଁ ଲାଗୁ ହୋଇଛି। ୧୪.୨ କିଲୋଗ୍ରାମ ଓଜନର ଏଲପିଜି ଗ୍ୟାସ ସିଲିଣ୍ଡର (ରୋଷେଇ ଗ୍ୟାସ) ଦରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଦରବୃଦ୍ଧି ପରେ ଗୁରୁବାର ଠାରୁ ଦେଶର ବିଭିନ୍ନ ରାଜ୍ୟରେ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ୬୨.୫୦ ଟଙ୍କାରୁ ୭୫ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଛି। କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ଦରରେ ସର୍ବାଧିକ ୭୧.୫୦ ଟଙ୍କା ବୃଦ୍ଧି ପାଟନାରେ ହୋଇଥିବାବେଳେ ଦିଲ୍ଲୀରେ ସର୍ବନିମ୍ନ ୬୨.୫୦ ଟଙ୍କା ବୃଦ୍ଧି କରାଯାଇଛି। ଗ୍ୟାସ ସିଲିଣ୍ଡର ମହଙ୍ଗା ହେବା ଯୋଗୁଁ ରେଷ୍ଟୁରାଣ୍ଟ, ଢାବା କିମ୍ବା କ୍ୟାଟରିଂ ସେବା ଚଳାଉଥିବା କମର୍ସିଆଲ ଶ୍ରେଣୀର ଉପଭୋକ୍ତାଙ୍କ ଉପରେ ମହଙ୍ଗା ମାଡ଼ ବଢ଼ିବ। ଏହାର ପ୍ରଭାବରେ ସେମାନେ ଗ୍ରାହକଙ୍କୁ ଦେଉଥିବା ସେବାର ଦର ମଧ୍ୟ ବଢ଼ାଇ ପାରନ୍ତି। ଏଲପିଜି ଗ୍ୟାସର ଏହି ଦରବୃଦ୍ଧି କେବଳ କମର୍ସିଆଲ ଶ୍ରେଣୀର ସିଲିଣ୍ଡର ପାଇଁ କରାଯାଇଛି। ଘରୋଇ ବ୍ୟବହାରରେ ଆସୁଥିବା ୧୪.୨ କିଲୋଗ୍ରାମ ଓଜନର ସିଲିଣ୍ଡର (ରୋଷେଇ ଗ୍ୟାସ) ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ତୈଳ ବିପଣନ କମ୍ପାନୀ ପକ୍ଷରୁ ଉପଲବ୍ଧ କରାଯାଇଥିବା ସୂଚନା ଅନୁସାରେ, ଦରବୃଦ୍ଧି ପରେ ଦିଲ୍ଲୀରେ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ୬୨.୫୦ ଟଙ୍କା ମହଙ୍ଗା ହୋଇ ୨,୭୪୭.୫୦ ଟଙ୍କା ବଦଳରେ ଏବେ ୨,୮୧୦ ଟଙ୍କାରେ ମିଳୁଛି। ସେହିପରି ମୁମ୍ବାଇରେ କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡର ୬୩.୫୪ ଟଙ୍କା ମହଙ୍ଗା ହୋଇ ଏବେ ୨,୭୬୪.୫୪ ଟଙ୍କାରେ ମିଳୁଛି।

# ହାଇକୋର୍ଟରେ ବିଚାରପତି ସଙ୍କଟ : ଆଇନଜୀବୀଙ୍କ ବିକ୍ଷୋଭ

## ୩୩ ପଦବୀରେ କାର୍ଯ୍ୟରତ ମାତ୍ର ୧୫ ବିଚାରପତି : ତୁରନ୍ତ ନିଯୁକ୍ତି ଦାବିରେ ପଦଯାତ୍ରା

କଟକ, ୦୧/୧୧
ନ୍ୟୁଜ ବ୍ୟୁରୋ




ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ଅଭାବକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଆଇନଜୀବୀମାନେ। ମଞ୍ଜୁରିପ୍ରାପ୍ତ ୩୩ଟି ବିଚାରପତି ପଦବୀ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୫ ଜଣ ବିଚାରପତି କାର୍ଯ୍ୟରତ ଥିବାବେଳେ ଆଗାମୀ ନଭେମ୍ବରରେ ଆଉ ୨ ଜଣ ବିଚାରପତି ଅବସର ନେବାକୁ ଥିବାରୁ ପରିସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ରହିଛି। ବିଚାରପତିଙ୍କ ଅଭାବ ଯୋଗୁଁ ମାମଲାଗୁଡ଼ିକର ଶୁଣାଣି ଓ ଫଇସଲା ପ୍ରକ୍ରିୟା ପ୍ରଭାବିତ ହେଉଥିବା ଅଭିଯୋଗ କରି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଓ ବିକ୍ଷୋଭ କରାଯାଇଛି। ଭୁବନେଶ୍ୱର କ୍ଲବ୍‌ଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ଆଇନଜୀବୀମାନେ ପଦଯାତ୍ରା କରି ହାଇକୋର୍ଟରେ ଖାଲି ପଡ଼ିଥିବା ସମସ୍ତ ବିଚାରପତି ପଦବୀ ତୁରନ୍ତ ପୂରଣ କରିବାକୁ ଦାବି ଜଣାଇଛନ୍ତି। ପଦଯାତ୍ରା ପରେ ଆଇନଜୀବୀମାନେ ଓଡ଼ିଶାର ରାଜ୍ୟପାଳଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ହାଇକୋର୍ଟରେ ଖାଲି ଥିବା ସମସ୍ତ ପଦବୀ ଶୀଘ୍ର ପୂରଣ କରିବା ସହ ସୁପ୍ରିମକୋର୍ଟ କଲେଜିୟମ୍‌ର ସୁପାରିଶ ଉପରେ ଆଇନ ମନ୍ତ୍ରଣାଳୟ ତ୍ୱରିତ ନିଷ୍ପତ୍ତି ନେବାକୁ ଦାବି କରାଯାଇଛି। ବାର୍ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାରେ ବର୍ତ୍ତମାନ ୧.୭ ଲକ୍ଷରୁ ଅଧିକ ମାମଲା ବିଚାରାଧୀନ ରହିଛି। ଏପରି ସ୍ଥିତିରେ ହାଇକୋର୍ଟର ମଞ୍ଜୁରିପ୍ରାପ୍ତ ବିଚାରପତି ପଦବୀର ଅଧାରୁ ଅଧିକ ଖାଲି ରହିବା ନ୍ୟାୟ ପ୍ରଦାନ ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ ବୋଲି ଆଇନଜୀବୀମାନେ କହିଛନ୍ତି। ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ତୁରନ୍ତ ନିଯୁକ୍ତି କରାଯାଇ ମାମଲା ଫଇସଲା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଆଇନ୍‌ଜୀବୀମାନେ ଦାବି କରିଛନ୍ତି।

### ଖାଲିଥିବା ବିଚାରପତି ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୦୧/୧୦ ନ୍ୟୁଜ ବ୍ୟୁରୋ

ହାଇକୋର୍ଟରେ ଖାଲିଥିବା ବିଚାରପତି ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବାର୍ ଆସୋସିଏସନ ଦାବି ନେଇ ଆଇନ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଖାଲି ଥିବା ବିଚାରପତି ପଦବୀ ପୂରଣ ହେବ। ଏନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ନିଷ୍ପତ୍ତି ନେବ। ଆମେ ଆଶା କରୁଛୁ ଖୁବଶୀଘ୍ର ଏହି ପଦବୀ ପୂରଣ ହେବ। ଧୈର୍ଯ୍ୟ ଧରିବାକୁ ଆଇନୀଜୀବୀଙ୍କୁ ଅପିଲ କରିଛନ୍ତି ଆଇନ ମନ୍ତ୍ରୀ।

# ରାଜଧାନୀରେ ବନ୍ଧୁକ ଦେଖାଇ ଯୁବତୀଙ୍କୁ ଘରେ ପଶି ଦୁଷ୍କର୍ମ




ଭୁବନେଶ୍ୱର, ୦୧/୧୦
ନ୍ୟୁଜ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବତୀଙ୍କୁ ତାଙ୍କ ଭଡ଼ାଘରେ ଦୁଷ୍କର୍ମ ହୋଇଛି। ବନ୍ଧୁକ ଦେଖାଇ ଭୟଭୀତ କରାଇ ଦୁର୍ବୃତ୍ତ ଜଣକ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ଗତ ବୁଧବାର ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ଏହି ଘଟଣା ଘଟିଛି। ଏନେଇ ପୀଡିତା ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ଏହି ଘଟଣା ରାଜଧାନୀର ଚର୍ଚ୍ଚାର ବିଷୟ ହୋଇଛି।



ଏତଲାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଜଣକ ମୁହଁରେ ମାସ୍କ ପିନ୍ଧି ଆସି ଏହି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ପରିଚୟ ଲୁଚାଇ ଆସିଥିବା ବେଳେ ତାକୁ ଧରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପୋଲିସ ଟିମ୍ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଗୁଡିକୁ ଯାଞ୍ଚ କରୁଛି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ଅଭିଯୁକ୍ତକୁ ଧରିବାକୁ ପୋଲିସ ଛାନଭିନ ଚଳାଇଛି। ଏନେଇ ଡିସିପି ଅଫିସ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ୨୬ ବର୍ଷୀୟା ପୀଡିତା ଜଣକ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ସେ ରହୁଥିବା ଭଡ଼ା ଘରେ ଥିବାବେଳେ ଜଣେ ଅଜଣା ବ୍ୟକ୍ତି ଘରକୁ ପଶି ତାଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡ଼ିତା ତାଙ୍କ ବଡ଼ ଭଉଣୀଙ୍କ ସହ ଉକ୍ତ ଭଡ଼ା ଘରେ ରହୁଥିବା ବେଳେ ଘର ମାଲିକ ପ୍ରଥମ ମହଲାରେ ରହୁଛନ୍ତି। ଅଭିଯୁକ୍ତ ଏକ ବନ୍ଧୁକ କିମ୍ବା ଖେଳନା ବନ୍ଧୁକ ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ତୁରନ୍ତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଗଣେଶ ଭସାଣି ବେଳେ ପୁଲିସ ଉପରେ ଢେଲାମାଡ଼




**ଆଇଆଇସିଙ୍କ ସମେତ ୬ ପୁଲିସ କର୍ମଚାରୀ ଆହତ : ୪ ଅଟକ**

କଟକ, ୦୧/୧୧
ନ୍ୟୁଜ ବ୍ୟୁରୋ

ଗଣେଶ ଭସାଣି ଓ ରୋଷଣୀକୁ ନେଇ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ପୁଲିସ ଓ ପୂଜା କମିଟି ସଦସ୍ୟଙ୍କ ମଧ୍ୟରେ ଉତ୍ତେଜନା ପରେ ପୁଲିସ ଉପରକୁ ଢେଲା ଓ ପଥରମାଡ଼ ହୋଇଛି। ଏଥିରେ ଆଇଆଇସିଙ୍କ ସମେତ ୬ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଘଟଣାଟି ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତ ଅନ୍ତର୍ଗତ ବରଦିଆ ଅଞ୍ଚଳରେ ଘଟିଛି। ସୂଚନା ଅନୁଯାୟୀ, ଗଣେଶ ଭସାଣି ଓ ରୋଷଣୀ ପାଇଁ ପୁଲିସ ପକ୍ଷରୁ ରାତି ୧୦ଟା ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ତେବେ ବରଦିଆ ସାହି ଗଣେଶ ପୂଜା କମିଟି ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ପରେ ମଧ୍ୟ ରୋଷଣୀ ଜାରି ରଖିଥିବା ଅଭିଯୋଗ ହୋଇଛି। ସମୟ ସୀମା ଶେଷ ହେବା ପରେ ରୋଷଣୀ ବନ୍ଦ କରିବାକୁ ଆଇଆଇସିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ପକ୍ଷରୁ ରୋଷଣୀ ବନ୍ଦ କରିବାକୁ ଅନୁରୋଧ କରାଯିବାରୁ କମିଟି ପକ୍ଷରୁ ଏହାକୁ ନେଇ ବିରୋଧ କରାଯାଇଥିଲା। ଏହାକୁ କେନ୍ଦ୍ର କରି ପୁଲିସ ଓ କମିଟି ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର କିଛି ସମୟ ପରେ ଅନ୍ଧାରର ସୁଯୋଗ ନେଇ କିଛି ବ୍ୟକ୍ତି ପୁଲିସ ଉପରକୁ ଅତର୍କିତ ଭାବେ ଢେଲା ଓ ପଥରମାଡ଼ କରିଥିବା ଅଭିଯୋଗ ହୋଇଛି। ଏଥିରେ ଆଇଆଇସିଙ୍କ ସମେତ ୬ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଆହତ ପୁଲିସ କର୍ମଚାରୀମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଏହି ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜୋରଦାର କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୪ ଜଣଙ୍କୁ ଅଟକ ରଖାଯାଇଥିବା ସାଲେପୁର ଏସଡିପିଓ ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।





**ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬**

**ବଜାରରେ ଉପଲବ୍ଧ ...**

**ଏଥର ସୂଚୀରେ କଥାକଳିକାର ଗାଳ୍ପିକ...**

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଯୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ଚୌଦ୍ୱାର ଜେଲ୍‌ର ପୂର୍ବତନ ଅଧୀକ୍ଷକଙ୍କ ଜାମିନ ଖାରଜ



କଟକ, ୦୧/୧୧
ନ୍ୟୁଜ ବ୍ୟୁରୋ

ଚୌଦ୍ୱାର ସର୍କଲ ଜେଲ୍‌ର ପୂର୍ବତନ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ନିୟମିତ ଜାମିନ ଆବେଦନ ଗୁରୁବାର ଖାରଜ ହୋଇଛି। କଟକ ଜିଲ୍ଲା ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଏହି ଆବେଦନ ଖାରଜ କରିଛନ୍ତି। ଚୌଦ୍ୱାର ଜେଲ୍‌ର ମିନିଟ୍ ବୁକ୍ ଓ ଅନ୍ୟାନ୍ୟ ସରକାରୀ ରେକର୍ଡରେ ଜାଲିଆତି ଏବଂ ହେରଫେର ଅଭିଯୋଗରେ ସୁଜିତ ରାଉଳ ଗିରଫ ହୋଇଥିଲେ। ଜାମିନ ଶୁଣାଣି ସମୟରେ ତଦନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଏବଂ ଅଭିଯୁକ୍ତ ପ୍ରମାଣ ନଷ୍ଟ କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ଥିବା ସରକାରୀ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ସୁଜିତଙ୍କ ଓକିଲ ସେ ନିର୍ଦ୍ଦୋଷ ଏବଂ ମିଥ୍ୟା ମାମଲାରେ ଫସାଯାଇଥିବା ଦର୍ଶାଇ ଜାମିନ ପାଇଁ ଯୁକ୍ତି ରଖିଥିଲେ। ତାଙ୍କ ଅସୁସ୍ଥତା ଏବଂ ପରିବାରର ଏକମାତ୍ର ଉପାର୍ଜନକାରୀ ହୋଇଥିବା କଥା ମଧ୍ୟ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ସୂଚନା ଅନୁଯାୟୀ, ୨୦୨୫ ଅକ୍ଟୋବର ୨ରେ ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ ବିଚାରାଧୀନ କଏଦୀ ଫେରାର ହେବା ପରେ ଜେଲ୍‌ର ବିଭିନ୍ନ ରେକର୍ଡରେ ହେରଫେର ଏବଂ ତତ୍‌କାଳୀନ ଜେଲରଙ୍କ ଦସ୍ତଖତ ଜାଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସୁଜିତ ରାଉଳଙ୍କୁ ସେପ୍ଟେମ୍ବର ୨୧ରେ ପୁଲିସ ଗିରଫ କରିଥିଲା। ପୂର୍ବରୁ ତାଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ହାଇକୋର୍ଟରେ ଖାରଜ ହୋଇଥିଲା।

# ୱାଟ୍‌କୋ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୦୧/୧୦
ନ୍ୟୁଜ ବ୍ୟୁରୋ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ୱାଟକୋ ଦ୍ୱାରା କାର୍ଯ୍ୟାନ୍ୱିତ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଉନ୍ନତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଜଳଯୋଗାଣ ଓ ସ୍ୱେରେଜ୍ ଭିତ୍ତିଭୂମି, ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଡବ୍ଲ୍ୟୁଟିପି ଓ ଏସ୍ ଟି ପିର କାର୍ଯ୍ୟକାରିତା ସହ ନାଗରିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା । ୱାଟ୍‌କୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୱାଟ୍‌କୋର କାର୍ଯ୍ୟକ୍ଷେତ୍ର, ଚାଲୁଥିବା ପ୍ରମୁଖ ଜଳଯୋଗାଣ ଓ ସ୍ୱେରେଜ୍ ପ୍ରକଳ୍ପ, ଜଳ ବିଶୋଧନାଗାର ଏବଂ ମଳଜଳ ବିଶୋଧନାଗାରର ସ୍ଥିତି ଉପରେ ବିସ୍ତୃତ ଉପସ୍ଥାପନା ଦେଇଥିଲେ । ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟରେ ସମାପ୍ତି, ଅନୁଦାନର ସଠିକ୍ ଉପଯୋଗ ଏବଂ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାର ତୁରନ୍ତ ସମାଧାନ ଉପରେ ମନ୍ତ୍ରୀ ଡଃ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ବୈଠକରେ ୱାଟକୋର ଆର୍ଥିକ ପ୍ରଦର୍ଶନ ମଧ୍ୟ ସମୀକ୍ଷା କରାଯାଇଥିଲା । ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟ୍ ବ୍ୟବସ୍ଥା, ବ୍ୟୟ ଓ ଆର୍ଥିକ ଅନୁଦାନର ବ୍ୟବହାରର ଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରକଳ୍ପଭିତ୍ତିକ ବ୍ୟୟର ନିୟମିତ ତଦାରଖ ଏବଂ କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୱାଟ୍‌କୋର କାର୍ଯ୍ୟକ୍ଷେତ୍ର ଅଧୀନରେ ନବଗଠିତ ବିଜ୍ଞପିତ ଅଞ୍ଚଳ ପରିଷଦ ଗୁଡ଼ିକର ଦାୟିତ୍ୱ ଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସରକାରୀ ବିଜ୍ଞପ୍ତି ଅନୁଯାୟୀ ୱାଟ୍‌କୋଠାରୁ ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡକୁ ସ୍ୱେରେଜ୍ କାର୍ଯ୍ୟ ହସ୍ତାନ୍ତର ପ୍ରସଙ୍ଗରେ ଦାୟିତ୍ୱର ସ୍ପଷ୍ଟତା ଓ ସେବାର ନିରନ୍ତରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ସୁଜଳ ଯୋଜନା ଅଧୀନରେ ଅକ୍ଟୋବର ୨ରୁ ୧୬ ପର୍ଯ୍ୟନ୍ତ ୱାଟ୍‌କୋ ପକ୍ଷରୁ ଆୟୋଜନ ହେବାକୁ ଥିବା ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା । ଜଳଯୋଗାଣ ସେବା, ଦାୟିତ୍ୱଶୀଳ ଜଳ ବ୍ୟବହାର, ସେବା ସମ୍ପର୍କିତ ସୂଚନା ଏବଂ ନାଗରିକଙ୍କ ଅଂଶଗ୍ରହଣ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିବ । ଚାଲୁଥିବା ସମସ୍ତ ପ୍ରକଳ୍ପର ନିୟମିତ ତଦାରଖ ସହ ସମୟୋଚିତ କାର୍ଯ୍ୟାନ୍ୱୟନ, ଆର୍ଥିକ ଶୃଙ୍ଖଳା, କାର୍ଯ୍ୟର ଗୁଣବତ୍ତା ଓ ନାଗରିକଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଡଃ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାନ୍ୱୟନକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଇବା ଏବଂ ପ୍ରକଳ୍ପ କାର୍ଯ୍ୟରେ ଥିବା ବାଧାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ, ୱାଟ୍‌କୋ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକ ଶେଷରେ ୱାଟ୍‌କୋର ନିର୍ଦ୍ଦେଶକ (ପ୍ରକଳ୍ପ) ଧନ୍ୟବାଦ ଅର୍ପଣ କରିଥିଲେ ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com